ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀ

# ସଭାପତିଙ୍କ ଅଭିଭାଷଣ

ସଭାପତି—ପଣ୍ଡିତ ନୀଳକଣ୍ଠ ଦାସ

Digitized by srujanika@gmail.com

ସାହିତ୍ୟ ସମାଜର କାର୍ଯ୍ୟକର୍ତ୍ତାଗଣ ଓ ସାହିତ୍ୟସେବୀ ଭଦ୍ରମଣ୍ଡଳୀ,

ପହିଲୁ ମୋ ନିଜ କଥା କହିବି । ମତେ ଆପଣମାନେ ସଭାପତି କରିଚନ୍ତି । କାହିଁକି, ତା ଆପଣମାନେ ଜାଣନ୍ତି । କିନ୍ତୁ ଆପଣମାନେ ଠିକ୍ କରନ୍ତୁ, ଭୁଲ କରନ୍ତୁ, କର୍ତ୍ତବ୍ୟର ଭାର କଳ୍ପନା ମାତ୍ରରେ ମୁଁ ନିତାନ୍ତ ଅବନତ ଥିଲେହେଁ, ଆପଣମାନଙ୍କୁ ପୂର୍ଣ୍ଣ ପ୍ରାଣର କୃତଜ୍ଞତା ଜଣାଉଅଛି । ସାରସ୍ୱତ ସେବା ବ୍ରତ କରି ଜୀବନ ଆରମ୍ଭ କରିଥିଲି ; ଯୌବନର ଅନନ୍ତ ସୂଚନାରେ ସେଇ ଅଭିଳାଷକୁ ପ୍ରେରଣାର ଭିତ୍ତି କରିଥିଲି । ମାତ୍ର ସମୟ ଆସିଲା, ଯେତେବେଳେ ମୁଁ ବୁଝିଲି, ଜାତି ବା ସମାଜର ସ୍ୱାସ୍ଥ୍ୟ ଓ ସ୍ଥାୟିତ୍ୱ କଳେ୍ୟ ରାଜା-ପ୍ରଜା, ଗୃହସ୍ଥ-ପଣ୍ଡିତ, ପୋଷ୍ୟ-ପାଳକ ସମସ୍ତଙ୍କୁ ଏକ ଦିଗରେ ମା ଚଂଚଲାଙ୍କ କର୍ମଭୂମିର ପ୍ରେତ କଂକାଳ ତାଣ୍ଡବରେ ଯୋଗ ଦେବାକୁ ହେବ । ଜଗତର ଜାତି ଓ ସମାଜରେ ଏବେ ଏଇପରି ସମୟ ଆସୁଚି । ଚଂଚଳା ଲକ୍ଷ୍ମୀଦେବୀଙ୍କ ଏଇ ପ୍ରେତ ତାଣ୍ଡବରେ ଆଇନଷ୍ଟାଇନଙ୍କ ପରି ତତ୍ତ୍ୱଜ୍ଞଙ୍କଠାରୁ ବୁଖାରିନଙ୍କ ପରି ଲୋକନାୟକ୍ରା ମଧ୍ୟ ନୀଡ଼ନକ ପରି ଉତ୍କ୍ଷିପ୍ତ ଓ ଧ୍ୱସ୍ତ ହେଉଚନ୍ତି । ଏଇ ଚଂଚଳାଙ୍କ ପ୍ରେତନୃତ୍ୟ ବା ପଲିଟିକ୍ସ ଏ ଦେଶରେ ପୁଣି ଏକ ବିରାଟ ହଠଯୋଗର କୁହକ ଲୀଳା । ଏଥିରେ ଭାରତୀକଳାର ଲାସ୍ୟ ନାହିଁ, କିମ୍ବା ପାଶ୍ଚାତ୍ୟ ଅଭିଯାନର ତାଣ୍ଡବ ନାହିଁ ; ଅଛି ଏକା ଅନିର୍ଦ୍ଦିଷ୍ଟତା ଓ ଏଇ ଅନିର୍ଦ୍ଦିଷ୍ଟତା ଭିତରେ ଅସ୍ମୃବସ୍ଥତା । ଅସ୍ମୃବସ୍ଥତାର ସେଇ ଉତ୍ତେଜନା ମଧ୍ୟରେ ଆପଣମାନଙ୍କର ଶୁଦ୍ଧ

Digitized by srujanika@gmail.com

ସାରସ୍ୱତ ଆହ୍ୱାନ ମୋର ଘୋର ନିଦାଘକ୍ଲିଷ୍ଟ କୃଷାଣ କର୍ଣ୍ଣରେ ଯେପରି କି ଦୂର ବନାନ୍ତର ସାଂଧ୍ୟ ଶୀତଳ ବଂଶୀଧ୍ୱନି ଢାଳି ଦେଇଥିଲା । ସେ ଧ୍ୱନିର ଆକର୍ଷଣ ଏଡ଼ିବାର ନୁହେ । ତାର ସେବାରେ ସାମର୍ଥ୍ୟର ବିବେଚନା ନାହିଁ, କି ଆତ୍ମଗ୍ଲାନିର ଅବକାଶ ନାହିଁ । ଏ ସେବନ ସ୍ପୃହାରେ ସ୍ୱାର୍ଥପରତା ଥାଇ ପାରେ ; ଏଥିରେ "ପୂଜ୍ୟ-ପୂଜା-ବ୍ୟତିକ୍ରମ" ହୋଇ ପାରେ ; ମାତ୍ର ଏ ସ୍ୱାର୍ଥପରତା ସହନୀୟ ; ଏ "ପୂଜ୍ୟ-ପୂଜା-ବ୍ୟତିକ୍ରମ"ରେ 'ଶ୍ରେୟ ପ୍ରତିବନ୍ଧ' ହୁଏ ନାହିଁ ।

ଉଦ୍ୟୋକ୍ତାମାନଙ୍କୁ ମୋର ଆନ୍ତରିକ ସାଧୁବାଦ । ଆଜି ଏ ସାଧୁବାଦ ଏକା କେବଳ ଘଟନାରେ ସହଜ ଓ ସ୍ୱାସ୍ଥ୍ୟକର ସାଧୁବାଦ ନୁହେ । ଏହା ଯଥାର୍ଥରେ "ଯୋଗ୍ୟଂ ଯୋଗ୍ୟେନ ଯୋଜୟେତ୍ ।" ଗତ ତିନିଶ ବର୍ଷରୁ ଅଧିକ କାଳ ଧରି ଓଡ଼ିଶାର ସାଂସ୍କୃତିକ ବ୍ୟକ୍ତିତ୍ୱ ନାନା ଦୁରପନେୟ ଓ ଦୁରତିକ୍ରମ୍ୟ ପ୍ରତ୍ୟ-ବାୟରେ ଛିନ୍ନ ଭିନ୍ନ ହୋଇ ଆତ୍ମବିକାଶର ଆନ୍ତର ଓ ମୌଳିକ ପ୍ରଭାବ ହରାଇ ବସିଥିଲା ; ଆତ୍ମପ୍ରକାଶର ପରିସ୍ଥିତି ନ ଥିଲା ; ବାହାର ବାତ୍ୟାର ଘୋର ତାଡ଼ନାରେ ଏକପ୍ରକାର ଦିଙ୍ମୋହ ହୋଇଥିଲା । ସେତେବେଳେ ଯେଉଁ ପୁରୁଷପୁଂଗବମାନେ ନିଜର ବଳିଷ୍ଠ ବ୍ୟକ୍ତିତ୍ୱର ପୁରୋଦୃଷ୍ଟିରେ ଏଇ ପ୍ରାଣପ୍ରତିଷ୍ଠାର ଅନୁଷ୍ଠାନ ଆରମ୍ଭ କରିଥିଲେ, ସେମାନଙ୍କ ମଧ୍ୟରୁ ଅନେକେ ଆଜି ଏ ସାଧୁବାଦର ପହଁଚରୁ ବାହାରେ । ହେଲେହେଁ ସେମାନଙ୍କର ଅମର ଆତ୍ମା ଆଜି ବିକାଶରେ ଜୀବନ୍ତ—ମୋର ବିଶ୍ୱାସ, ଗ୍ରାହକତାରେ ମଧ୍ୟ ସରସ । ନାମ କହିବି ନାହିଁ, କରିବା ଠିକ୍ ନୁହେ । ମାତ୍ର ସେଇ ସାଧକ ସଂଘରୁ ଆଜି ଯେଉଁମାନେ ଅବଶିଷ୍ଟ, ସେମାନଙ୍କର ସାଧୁପ୍ରେରଣା ପ୍ରବୀଣ ହେଲେହେଁ ଅନୁଭବ୍ୟ ।

Digitized by srujanika@gmail.com

ଯେଉଁମାନେ ପୁଣି ସେଇ ପ୍ରେରଣାର ଉତ୍ତରାଧିକାରୀ, ସେମାନେ ସାଧକ ଓ ଯଥାର୍ଥରେ ସାଧୁ । ଫକୀରମୋହନ, ମଧୁ, ରାଧାନାଥ, ରାମଚନ୍ଦ୍ର, ହରିହର ପ୍ରଭୃତିଙ୍କ ପ୍ରଭାବ ଆଜି ପରିସ୍ଥିତିରେ ମିଶିଯାଇଛି । ଉପହାରର 'ସୁବର୍ଣ୍ଣ ଲେଖନୀ' ଓ ଉପାଧିର 'ସରସ୍ୱତୀ', ଆଜି ଛାଇରେ ଗୌରୀଶଂକର ପୁରସ୍କାରରେ ହୁଏତ ଆତ୍ମବିକାଶରେ ଆତ୍ମଦାନ କରିଛି । ମାତ୍ର ଗୋପିନାଥ ମୃତ୍ୟୁଂଜୟ ଆଜି ଗୋପାଳଙ୍କ ଭାଷାକୋଷରେ ଜୀବନ୍ତ । ବିନାୟକ ପରମାନନ୍ଦ ଶ୍ୟାମସୁନ୍ଦରଙ୍କର ସ୍ପଷ୍ଟ ସ୍ମାରକ । ଘୋର ରାଜକାର୍ଯ୍ୟ ଓ ନିର୍ଦ୍ଦିଷ୍ଟ ବୃତ୍ତିର ତାଡ଼ନା ଓ ଜଂଜାଳ ଭିତରେ ମଧ୍ୟ ସାଧକ ଚିନ୍ତାମଣି ଆଜି ନିଜ ଯୌବନର ପ୍ରେରଣା ପରିପୋଷଣ କରି ଓଡ଼ିଶାର ଇତିହାସ ଅନୁସନ୍ଧାନରେ ଲାଗିଛନ୍ତି । ସୁପଣ୍ଡିତ ବିପିନବିହାରୀ ନୂତନ ବିଭାବର ବିକାଶରେ ନିବିଷ୍ଟ ରହିଛନ୍ତି । ପୁଣି ସମସ୍ତଙ୍କ ଭିତରେ ଆଜି ସମୃଦ୍ଧ ଭାବରେ ଆକାଂକ୍ଷା ଓ ଆତ୍ମପ୍ରତିଷ୍ଠାର ସୂଚନା ସ୍ପଷ୍ଟ ହୋଇଛି । ସରସ୍ୱତୀଙ୍କ ସେବାରେ ଲକ୍ଷ୍ମୀ ପ୍ରଣୋଦିତ ଦଳାଦଳି ଛୁଟି ଆସୁଛି— ବିକାଶର ଉପେୟ ଫୁଟି ଉଠୁଛି । ଆଜିର ଉଦ୍ୟୋକ୍ତାମାନେ ଏ ସମସ୍ତଙ୍କର ପ୍ରତୀକ— ଏ ବେଦରେ ଆଜି ସେଇମାନେଇ 'ଓ'କାର ।

ଏ ନିରାଶା ଓ ନିରୁତ୍ସାହର ଦାରୁଣ ପରିସ୍ଥିତି ମଧ୍ୟରେ 'ଉତ୍କଳ ସାହିତ୍ୟ ସମାଜ' ବଂଚି ରହିଛି, ତା ବର୍ଣ୍ଣନା କରି ପାରିବି ନାହିଁ । ମୃତ୍ୟୁକୁ ବାରଂବାର କସ୍ତୁରୀ ଦେଲା ପରି ବିଶ୍ୱାସୀ ଶଶିଭୂଷଣ ପ୍ରମୁଖମାନେ ଏ ସାଧକ ପ୍ରାଣର ଦୁର୍ଦ୍ଦମନୀୟ ଆଶା ଧରି ଏହାପାଇଁ ଥାନଟିଏ ଯୋଗାଡ଼ କରିଛନ୍ତି, ତାହା ତ ଇତିହାସ ବସ୍ତୁ ନୁହେ । ଆଳି ମୟୂରଭଞ୍ଜ ପ୍ରଭୃତି ଧନ ଦେଇ ପୁରୋବୃଷ୍ଟିର ପରିଚୟ ଦେଇଛନ୍ତି, ସଂଦେହ ନାହିଁ । ମାତ୍ର ନିଜର ଘର

Digitized by srujanika@gmail.com

ସଜାଉଛନ୍ତି ପରି ଯେଉଁମାନେ ପୁସ୍ତକାଦି ଦାନ କରି ଇଜ୍ଜତ୍ ବଢ଼ାଇବାରେ ବ୍ୟାକୁଳ, ସେମାନଙ୍କର ଅନ୍ତର କଲିବାର ଦିନ ହୁଏତ ଆସି ନାହିଁ ।

ବହୁରେ ଏକ, ଓ ଏକରେ ବହୁ—ଏହାହିଁ ଜଗତର ସମସ୍ୟା ; ଏହାର ସମାଧାନହିଁ ବିଶ୍ୱଜଗତର ଆତ୍ମପ୍ରକାଶ । ମାନବ ଏଇ ସମସ୍ୟାରେ ଆହତ ହୁଏ, ଅନୁସଂଧାନ କରେ, ଏହି ସମାଧନ ଦେଖିବାକୁ । ଏଇ ଅନୁସଂଧାନହିଁ ବିକାଶ ଓ ଏଇ ଦେଖିବାଇ ଉପେୟ ବା ମୁକ୍ତି । ଏଇ ମାନବ ସମାଜ ପୁଣି ବିଶ୍ୱ ଜଗତ୍‌ର ପ୍ରତିକାଶ । ସୂର୍ଯ୍ୟ କିରଣ ଦିଏ, ବର୍ଷା ଜଳ ଢାଳେ, ଗ୍ରହମାନେ ଘୁରନ୍ତି, ବଢ଼ନ୍ତି, ବୁଲନ୍ତି, ମରନ୍ତି—ଏ ସବୁ ବହୁ ନିଜ ନିଜର ନିତ୍ୟନିର୍ଦ୍ଦିଷ୍ଟ ଧର୍ମ ବା ସ୍ୱଧର୍ମରେ ଏକରେ ବହୁ ତଥା ବହୁରେ ଏକ ପ୍ରକାଶ କରନ୍ତି । ମାନବ ସମାଜ ସେଇପରି ବ୍ୟକ୍ତି ପରିବାର ଓ ବ୍ୟବସାୟାଦିର ନିତ୍ୟନିର୍ଦ୍ଦିଷ୍ଟ ସ୍ୱଧର୍ମରେ ଆତ୍ମବିକାଶ କରି ବହୁରେ ଏକ ଓ ଏକରେ ବହୁ ହୁଏ । ଏଇ ଆତ୍ମବିକାଶର ଶୃଂଖଳା ଓ ଧାରା, ଉକ୍ତି ବିବୃତି, ସାଧନ ଓ ଉପେୟ ସହିତ ଯହିଁରେ ପ୍ରତିଫଳିତ ହୁଏ, ସେହି ସାହିତ୍ୟ ।

ସହିତରେ ଯାହା ହୁଏ, ତା ସାହିତ୍ୟ । ଜଗତରେ ବସ୍ତୁ ଜନ୍ତୁ ପ୍ରଭୃତିର ଜନ୍ମ ବୃଦ୍ଧି ଆଦିରେ ବିକାଶ ହୁଏ । ଏ ସବୁ ବ୍ୟକ୍ତିର ନିର୍ଦ୍ଦିଷ୍ଟ ବିକାଶ ବିଶ୍ୱମୂଳଙ୍କ କର୍ମ ବିକାଶ । ବିଶ୍ୱମୂଳଙ୍କ ଶୃଂଖଳାରେ ଏ ସମସ୍ତ ବିଗ୍ରହ କରି ସଂବଂଧ ଦେଖିବାହିଁ— ଏକରେ ବହୁ, ଓ ବହୁରେ ଏକ ଦେଖିବା । ମାତ୍ର ମାନବ ଠିକ୍ ଏଇ ବସ୍ତୁ ଜନ୍ତୁ ସାମଂଜସ୍ୟରେ ମାତ୍ର ବିକାଶ ପାଏ ନାହିଁ । ବିକାଶରେ ତାର ନିଜର କର୍ତ୍ତୃତ୍ୱ ସ୍ପଷ୍ଟ । ଏଇ କର୍ତ୍ତୃତ୍ୱରେ ସେ ପରିସ୍ଥିତିରେ ସଂପୂର୍ଣ୍ଣ ନିୟମିତ ନ ହୋଇ, ନିଜେ ପରିସ୍ଥିତି ତିଆରି

Digitized by srujanika@gmail.com

କରେ । ଏଇପରି ତିଆରି କରିବାରେ ତାର ଆତ୍ମା ସ୍ପଷ୍ଟତଃ ବୁଦ୍ଧିରୂପେ ପ୍ରକାଶ ପାଏ । ଏଇ ବୁଦ୍ଧି ଶୃଙ୍ଖଳନାରେ ଅନ୍ୟ ମାନବ ସଂଗେ ସଂପର୍କ ତା ପକ୍ଷରେ ଅନିବାର୍ଯ୍ୟ । ଏଇ ଅନ୍ୟ ସହିତ ସଂପର୍କରେ ସମାଜର ବିକାଶ । ଏଇ ସମାଜ ବା ସହିତରେ ବିକାଶ ଯହିଁରେ ପ୍ରତିଫଳିତ ହୁଏ, ଅନ୍ୟ ସହ ବ୍ୟବହାରିକତରେ ମାନବର ଇତ ବା ଗତ ଯହିଁରେ ପ୍ରକାଶ ପାଏ, ତାହା ସାହିତ୍ୟ ।

ଜନ୍ତୁଠାରୁ ଭିନ୍ନ ମାନବର ସମାଜ ଛଡ଼ା ବିକାଶ ନାହିଁ । କଳା କବିତା ଶିଳ୍ପାଦିରେ ଏଇ ବିକାଶର ଭିତ୍ତି ପ୍ରକୃତି ଓ ପରିଣାମର ପରଂପରା ପ୍ରକାଶ ପାଏ । ତେଣୁ ଏଇ କଳା କବିତା ଶିଳ୍ପାଦି ସବୁ ସାହିତ୍ୟର ବିଷୟ ବା ସାହିତ୍ୟ । କିନ୍ତୁ, ବୁଝିବାର ଅଛି, ଏ ସମସ୍ତ ସହିତ ସଂପର୍କରେ ମାନବର ପ୍ରଧାନ ଅବଲଂବନ ଭାଷା । ଅନ୍ୟ ସଂପର୍କ ଛଡ଼ା ଭାଷାର କୌଣସି ଅସ୍ତିତ୍ୱ ନାହିଁ । ଭାଷାର ମୂଳ ହେଉଛି ଭାବବ୍ୟଞ୍ଜକ ସ୍ୱର । ବିଧିନିର୍ଦ୍ଦିଷ୍ଟ ଚିନ୍ତା-ଗତି-ଶୃଙ୍ଖଳିତ ଜନ୍ତୁ ମଧ୍ୟ ନିଜର ଭାବ ଜାଣିବା ପାଇଁ ନୁହେଁ, ଜଣାଇବା ପାଇଁ, ଶବ୍ଦ କରେ । ମନୁଷ୍ୟ ନିଜର ସ୍ୱାଧୀନ ଚିନ୍ତାରେ ଦେଇଥା କଲେ ତା ହୁଏ ଭାଷା । ଅନ୍ୟ ସହିତ ସଂପର୍କରେ ମାନବର ଯେଉଁ ବିକାଶ ହୁଏ, ତାହା ଏଇ ଭାଷାରେ ପ୍ରକାଶିତ ଓ ପ୍ରତି-ଫଳିତ ହୁଏ । ତେଣୁ କଳା ଶିଳ୍ପ କବିତାଦି ସବୁ ସାହିତ୍ୟ ହେଲେହେଁ, ସାହିତ୍ୟର ଯଥାର୍ଥ ଆଧାର ହେଉଛି ଭାଷା । କଳା ଶିଳ୍ପାଦିରେ ବିକାଶର ବିଶିଷ୍ଟ ପରିସ୍ଥିତି ତଥା ପରିଣାମମାନ ପ୍ରକାଶ ପାଏ ସତ, ମାତ୍ର ତାକୁ ସାହିତ୍ୟ କରେ ଏକା ଭାଷା । ଭୁବନେଶ୍ୱର ଦେଉଳ ଓ କାଠଯୋଡ଼ି ପଥରବନ୍ଧର ଶିଳ୍ପ ଓ କଳା ସାହିତ୍ୟର ସାମଗ୍ରୀ ସତ, ମାତ୍ର ଭାଷା ବିନା ତାହା ଯଥାର୍ଥ ସାହିତ୍ୟ ନୁହେଁ । ସେ ସବୁ ପ୍ରାଣର ଭାଷା—ପ୍ରାଣକୁ ଅନ୍ୟ ସଂପର୍କରେ ବା ଅନ୍ୟ

Digitized by srujanika@gmail.com

ଆଗେ ପ୍ରକାଶ କରିବାରେ କଥଂଚିତ୍ ସମର୍ଥ ହେଲେହେଁ ମୁଖର ଭାଷାରେହିଁ ସେମାନେ ଯଥାର୍ଥ ସାହିତ୍ୟ ; ସେଥିରେହିଁ ସେମାନଙ୍କର ଯଥାର୍ଥ ପ୍ରାଣ ପ୍ରକାଶ ହୁଏ । ଏଣୁ ମୁଖର ଭାଷାହିଁ ସାହିତ୍ୟର ମୁଖ୍ୟ ଅବଲମ୍ବନ ।

ସମାଜ ଓ ସାହିତ୍ୟ ପରି ମୁଖର ଭାଷା ମଧ୍ୟ ପରିଣାମର ପରମ୍ପରାରେ ଗତି କରେ । କାଲିର ଭାବ ପ୍ରକାଶରେ ଯେଉଁ ଭାଷା ଥିଲା, ଆଜି ତାହା ହୁଏତ ଠିକ୍ ସେଇପରି ନାହିଁ । ପରିସ୍ଥିତି ଭେଦରେ ପୁଣି ଏକା ଭାଷା ବିଭିନ୍ନ ରୂପ ଓ ଆଶୟରେ ପ୍ରକାଶିତ ହୁଏ । ପୁଣି ସେଇ ପରିବର୍ତ୍ତନରେ ମଧ୍ୟ ସମାଜ ବିକାଶ ବା ସାହିତ୍ୟର ଧାରା ଫୁଟି ଉଠେ । ଅମ୍ବଗଛକୁ ଚୂତଲତା ବା ଅମ୍ବଲଟି ବୋଲି କହିଲେ ଆଜି ଲୋକେ ବୁଝିବେ ନାହିଁ । ଗୋଧନ ଶବ୍ଦ ଆଜି ଅର୍ଥରେ ସଂପୂର୍ଣ୍ଣ ବଦଳି ଯାଇଛି । ଗାଈ ଯେ ଦିନେ ମୁଦ୍ରା ପରି ଧନରେ ଗଣାଯାଉଥିଲା ତାହା ଆଜି କେହି ବୁଝିବେ ନାହିଁ । ଆଜି ଆମେ ଭୋଜନ ପରେ ଭୁକ୍ତ ଅତିଥିଙ୍କୁ ଗୁରୁଅଣା ଦକ୍ଷିଣା ଦେଉ । ମାତ୍ର ଜାଣୁ ନାହିଁ, ଦିନେ ଆନୁଷ୍ଠାନିକ କର୍ମରେ ଯଜମାନ ପୁରୋହିତର ଡାହାଣ ପାଖକୁ ମୁଦ୍ରାରୂପେ ଗୋଟିଏ ଗାଈ ବାନ୍ଧି ରଖୁଥିଲେ ; ଓ କର୍ମ ଶେଷରେ ସେଇ ଗାଈଟି ପୁରୋହିତ ନେଉଥିଲେ । ସେଇ ଗାଈଟି ତେଣୁ ଦକ୍ଷିଣା ବା ଡାହାଣ ପଟେ ବନ୍ଧା ହୋଇଥିବା ଗାଈ । ନାରୀର ଦାୟରେ ଭାଗ ନାହିଁ ବୋଲି ସ୍ମୃତି ସ୍ଥିର କଲେ ନାରୀ ଭାଗ ପାଇବ ନାହିଁ । ମାତ୍ର 'ଦାୟ' ବୋଇଲେ, ପିତା ପୂଜାରେ ସମର୍ପଣ ବା ନୈବେଦ୍ୟ କରୁଥିବା 'ସୋମରସ' । ସେଥିରେ ନାରୀ ଭାଗ ନେଉ ନ ଥିଲା, ଅର୍ଥାତ୍, ବୈଦିକ ଲୋକଙ୍କ ଘରେ ମାଇପେ ନିଶାପାଣି ପିଉ ନ ଥିଲେ । ସେଥିରୁ କଥା ହେଲା, ନାରୀର ଦାୟରେ ଭାଗ ନାହିଁ । ଏବେ 'ସୋମପା'

Digitized by srujanika@gmail.com

ପିତୃଙ୍କୁ ତର୍ପଣ କଲାବେଳେ, କେହି ଅବଶ୍ୟ ସର୍ବପ୍ରିଅ ଗୁରୁଜନ ପାଇବାରେ ମାଳସୀ ହୁଅନ୍ତି ନାହିଁ । ଦିନେ ସତୀ ବୋଇଲେ, ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ, ମନ୍ଦୋଦରୀ ପରି ନାରୀମାନଙ୍କୁ ବୁଝା ଯାଉଥିଲା । ପରେ ଯେ ସତୀ ଗଲା, ସେ ସତୀ । ଆଜି ହୁଏତ ଯେଉଁ ସ୍ତ୍ରୀ ହଠ କରେ, ସେ ସତୀ । ଦିନେ ଜେନା କହିଲେ ବୁଝାଯାଉଥିଲା, ଯୁବରାଜ ; ରାଜୁତ, ଅଶ୍ୱାରୋହୀ ରାଜପୁତ୍ର; ପ୍ରଧାନ ସେନାପତି । ଆଜି ସେ ସବୁ ଶିଷ୍ଟ କୃଷକର ଉପାଧି । ଦିନେ ବଣ୍ଟପାଳ କହିଲେ, ବୁଝା ଯାଉଥିଲା ଗ୍ରାମଣୀ । ଆଜି ହୁଏତ ସେଇ ଶବ୍ଦ ହେଲା ବଟୋଲ, ଅର୍ଥାତ୍, ଭଣ୍ଡ । ମଂଥର ବୋଇଲେ, ଦିନେ ବୁଝା ଯାଉଥିଲା, ମଠୁଆ ବା ମଠୋଇ, ଅର୍ଥାତ୍,ଯେ ଧୀରେ ଧୀରେ ଗୃଲେ ବା କାମ କରେ । ସେଇ ଶବ୍ଦର ବ୍ୟବହାରରେ ଆଜି କହନ୍ତି, ମେଂଥେଉ ବୁଢ଼ୀ । ସେଇପରି, ନମସ୍କାରକୁ ଦଣ୍ଡବତ୍, ଆଶୀର୍ବାଦରେ 'ବୁଢ଼ା ହୋଇଥା', କ୍ରୋଧକୁ ରାଗ, ଅହଂକାରକୁ ଅଙ୍ଗ, ଭୋଜୀକୁ 'ଖିରପିଠା', ବିଧବା ବିବାହକୁ 'ଥୁଅଠୋଇ', ବିଧବାର ପୁନର୍ବିବାହକୁ 'କାଚଝଡ଼ୁ ହବା'; ମାଇପ ଛାଡ଼ି ଦବାକୁ 'ଛାଡ଼ପତ୍ର ଦେବା', ସେଇପରି, 'ପହିଲପାଳି', 'ଦୁବାଂଯଛ ଘର' ଓ 'ପୁଅଣି', ଶୁଧ୍ୟଘର ଓ ଛୁତକିଆ ; ପୁଣି ଜ୍ୱରରୁ ଓଠାର୍, ଫୋପାଡ଼ରୁ ଫୋପଡ଼, ଗୀତରେ 'ଦୁଅ' ଧରିବା, ଶୀତରେ ଶିତମାଠ, କଚଡ଼ାରେ କଂସକଚଡ଼ା ପ୍ରଭୃତି ଅସଂଖ୍ୟ ଉଦାହରଣରେ ଭାଷାରୁ ସମାଜର ବିକାଶ ଧାରା ଅନୁସଂଧାନ କରାଯାଇପାରେ ।

ଅନୁଷ୍ଠାନ କିଂବଦନ୍ତୀମାନ ମଧ୍ୟ ସାହିତ୍ୟ ବା ସମାଜର ବିକାଶ ଧାରା ସ୍ପଷ୍ଟ ପ୍ରକାଶ କରନ୍ତି । ଅନୁଷ୍ଠାନ ଆରଂଭରେ ବରୁଣ ପୂଜା, ଦୀପଦଣ୍ଡୀରେ ପାଶାଂକୁଶଧାରୀ ବରୁଣ ସ୍ଥାପନ, ନାଗକନ୍ୟାର ଗୁପ୍ତ

Digitized by srujanika@gmail.com

ପ୍ରେମ ଓ ବିବାହରେ, ରାଜପୁତ୍ରର ଶ୍ୱଶୁର ନିଧନ ଓ ତାରମଣି ହରଣ ; ସାଧବ ପୁଅର ଅଜ୍ଞାତ ଝାପୁଡରେ ସୁନା ଇଟା ସଂଗ୍ରହ, ପ୍ରଭୃତିର ସୀମା ନାହିଁ । ଏ ସବୁରେ ପୁଣି ଭାଷାହିଁ ସଂକେତରେ ଏକାନ୍ତ ଆଧାର । ମନ୍ତ୍ର ଘିନିବା ବିଧିଟି ପରଂପରାର ସଂକେତରେ ପୂର୍ଣ୍ଣ । ପର୍ବ ପୁଣ୍ୟରେ ସେ ସବୁ ଅନୁସଂଧାନ ମଧ୍ୟ କରାଯାଏ । ମାତ୍ର ପର୍ବ କଥାଟିରେହିଁ ହନେ ପୂର୍ଣ୍ଣିମାରେ ପୂଜା ଓ ଭୋଜି ପ୍ରକାଶ ପାଉଛି । କୃଷକ ଦେଶରେ ମାର୍ଗଶିରଠାରୁ ମାଘ ମଧ୍ୟରେ ଲକ୍ଷ୍ମୀପୂଜା ପ୍ରଭୃତିରେ ସଭ୍ୟତାର ବିକାଶ ଅନୁସଂଧାନ କରି ଯାଇ ପାରେ ।

ମାତ୍ର ଭାଷାର ଭଣ୍ଡାର ପରି ଏ ସବୁଠାରେ ଅନୁସଂଧାନ କରିବା ସୁଗମ ନୁହେ । ପୁଣି ଭାଷା ବିନା ସେ ସବୁର ସଂକେତ ମଧ୍ୟ ସ୍ପଷ୍ଟ ବା ସ୍ଥାୟୀ ନୁହେ । 'ପର୍ବ' ନାମ ନ ଥିଲେ, ଅନୁଷ୍ଠାନର ମୂଲ୍ୟ ନିରୂପଣ ଦୁର୍ଘଟ । ପୌଷ ବା ମାର୍ଗଶିରରେ 'ନବାନ୍ନ' ହୁଏ । ସେଇପରି କାଠଯୋଡ଼ିର ପଥରବନ୍ଧ, ମନ୍ଦିର ବା ବିହାର ନୁହେ । ଖଣ୍ଡଗିରି ମନ୍ଦିର ନୁହେ, କିଂବା କୋଣାର୍କ ପ୍ରାସାଦ ନୁହେ । ଏ ସବୁ ନାମ ଓ ନାମ ସଂଗେ କିଂବଦନ୍ତୀ ପ୍ରଭୃତି ଅନୁଷ୍ଠାନ ଓ ପ୍ରତିଷ୍ଠାନମାନଙ୍କର ମୂଲ୍ୟ ନିରୂପଣରେ କେତେ କିପରି ସାହାଯ୍ୟ କରେ ତାହା ବୁଝିବାର ଅଛି । ଦେଖିବାର ଅଛି, ସେଇ ଦେବୀର ପୂଜା, ମାତ୍ର ସେ କେଉଁଠି କାଳୀ, କେଉଁଠି ବିରଜା, କେଉଁଠି ଚଣ୍ଡୀ, କେଉଁଠି ଶୀତଳା, କେଉଁଠି ନୃମୁଣ୍ଡମାଳିନୀ, କେଉଁଠି ଭୁବନେଶ୍ୱରୀ—ଏ ସବୁରେ ଭାଷାର ସଂକେତ ସ୍ପଷ୍ଟ ।

ପୁଣି ଏଇପରି ସମସ୍ତ ଅନୁଷ୍ଠାନ ପ୍ରତିଷ୍ଠାନ, କିଂବଦନ୍ତୀ, କଳା, କିମ୍ବା ସାହିତ୍ୟର ଅଙ୍ଗୀଭୂତ ହେଲେହେଁ, ସେ ସବୁର ମୂଲ୍ୟ ନିରୂପଣ ହୁଏ—ଭାଷାରେ । ଭାଷା ଛଡ଼ା ମାନବ ତଥା ସମାଜବିକାଶର ଆଧାର ବା ସାଧନ ନାହିଁ । ସାହିତ୍ୟ କଥା

Digitized by srujanika@gmail.com

କହିଲାବେଳେ ତେଣୁ ଭାଷାର ବିସ୍ତାର ଅନିବାର୍ଯ୍ୟ ହୋଇପଡ଼େ । ଗଣିତ ଜ୍ୟୋତିଷ ବିଜ୍ଞାନ ପ୍ରଭୃତିକୁ ସାହିତ୍ୟଠାରୁ ଭିନ୍ନ ବୋଲି ବିସ୍ତାର କରିବାର ଏକ ପାରିଭାଷିକ ପଦ୍ଧତି ଅଛି । ମାତ୍ର ଯଥାର୍ଥ ସାହିତ୍ୟ ବିସ୍ତାରରେ ସେ ସବୁ ଅଂଗୀଭୂତ – ଗଣିତ ବା ବିଜ୍ଞାନ ଅଲଗା ନୁହେଁ । ଶିଳ୍ପ, ବିଜ୍ଞାନଠୁ ଅଲଗା ହୋଇପାରେ, ମାତ୍ର ଶିଳ୍ପ ବା ବିଜ୍ଞାନ କେହି ସାହିତ୍ୟରୁ ଅଲଗା ନୁହନ୍ତି । କେବଳ ବିଜ୍ଞାନ ଗଣିତ ପ୍ରଭୃତିରେ ଚିନ୍ତା ଅତି ନିର୍ଦ୍ଦିଷ୍ଟ ଓ ସୀମାବଦ୍ଧ, ମାତ୍ର ଦର୍ଶନାଦିର ସୃଷ୍ଟିରେ ତାହା ସେପରି ନ ହୋଇ ବିସ୍ତୀର୍ଣ୍ଣ ଓ ଅଲଂକୃତ ଭାଷାରେ ପ୍ରକାଶିତ ହୁଏ । ସେଥିପାଇଁ ପାରିଭାଷିକ ପଦ୍ଧତିରେ ସାହିତ୍ୟ, ଗଣିତ ବିଜ୍ଞାନାଦିରୁ ଅଲଗା ବୋଲି ସୁବିଧା ପାଇଁ କୁହା ହୋଇଥାଏ ମାତ୍ର ।

ସମାଜରେ ମାନବ ବିକାଶର ପ୍ରକାଶହିଁ ସାହିତ୍ୟ । ପୁଣି ସମାଜରେ ମାନବର ବିକାଶ ବୋଲି କହିବାର ବିଶେଷ ଅର୍ଥ କିଛି ନାହିଁ । ସମାଜ ଛଡ଼ା ମାନବର ବିକାଶ ବୋଲି ବସ୍ତୁ କିଛି ନାହିଁ ; ମାନବର ବିକାଶ ଛଡ଼ା ସମାଜ ବୋଲି ବସ୍ତୁ କିଛି ନାହିଁ । ତେଣୁ ସାହିତ୍ୟ ଓ ମାନବର ସଂପର୍କ ଅଚ୍ଛେଦ୍ୟ । ସାହିତ୍ୟ ବିନା ମାନବ ନାହିଁ, ମାନବ ବିନା ସାହିତ୍ୟ ନାହିଁ । ମାନବ ବିକାଶର ଗତି ସାହିତ୍ୟରେ ପ୍ରକାଶ ପାଏ, ଓ ସାହିତ୍ୟରେ ମପା ହୁଏ । ମାନବର ବିକାଶ କେଉଁ ଅବସ୍ଥାରେ ଅଛି, କିପରି ବଢ଼ିଛି ଓ ବଢ଼ୁଛି, ପୁଣି କିପରି ବଢ଼େ ବା ବଢ଼ିବା ଉଚିତ, ଏ ସବୁ ପାଇଁ ସାହିତ୍ୟ ଏକା ଅବଲଂବନ । ମାନବ ବିକାଶର ଯଥାର୍ଥ ଅବସ୍ଥାହିଁ ସାହିତ୍ୟରେ ପ୍ରକାଶ ପାଏ ।

ସେତିକି ନୁହେଁ, ସାହିତ୍ୟ ଆଧାରରେ ଓ ସାହିତ୍ୟ ସୂତ୍ରରେ ମାନବର ବିକାଶ ମଧ୍ୟ ନିୟମିତ କରାଯାଏ । ଚିନ୍ତାର ଆଦାନ

Digitized by srujanika@gmail.com

ପ୍ରଦାନ ସଂଘର୍ଷ ଓ ପ୍ରଭାବରେ ସମାଜରେ ମାନବର ବିକାଶ ଗତି କରେ । ଏହି ଚିନ୍ତା ସାହିତ୍ୟରେ ପ୍ରକାଶ ପାଏ, ଓ ସେହି ସୂତ୍ରରେ ଏହାର ଆଦାନ ପ୍ରଦାନାଦି ସୁଗମ ହୁଏ । ଏକର ଚିନ୍ତା ତଥା କ୍ରିୟାରେ ଅନ୍ୟ ପ୍ରଭାବିତ ନ ହେଲେ, ବିକାଶର ଗତି ଅସମ୍ଭବ । କଳାରେ ହେଉ କଥାରେ ହେଉ ବା ଅନ୍ୟ ସଙ୍କେତରେ ହେଉ ଚିନ୍ତା ପ୍ରଚୁର କରିବାହିଁ ବିକାଶର ଏକମାତ୍ର ପୀଠ । କଳା ସଂକେତ ସବୁ ଭାଷା, ଓ ସେମାନଙ୍କର ଶେଷ ଆଶ୍ରୟ ଭାଷା । ତେଣୁ ଏହି ଭାଷାର ଆଧାରରେ ସାହିତ୍ୟ ସୃଷ୍ଟି ଧରି ସମାଜ ବିଶେଷର ଚିନ୍ତା ଓ କ୍ରିୟା, ଜ୍ଞାନ ଓ କର୍ମ ନିୟମିତ କରି ହୁଏ । ଏହିପରି ସାହିତ୍ୟ ବିକାଶରେ ମାନବର ବିକାଶ ହୁଏ ।

ପରିସ୍ଥିତି ଭେଦରେ ଚିନ୍ତା ଓ କ୍ରିୟା ଉଭୟ ବିଶେଷ ବିକଶିତ ହୁଏ । ଏକ ସମାଜର ବ୍ୟକ୍ତି ବିଶେଷଙ୍କଠାରୁ, ଭିନ୍ନ ଭିନ୍ନ ସମାଜର ସମୂହ ବ୍ୟକ୍ତିତ୍ୱରେ ଏହି ପ୍ରଭେଦ ଫୁଟେ । ସେତେବେଳେ ଆଦାନ ପ୍ରଦାନ ସଂଘର୍ଷ ପ୍ରଭାବ —ସେଥିରେ ପୁଣି ନିର୍ବାଚନ ପ୍ରବୃତ୍ତି ଦରକାର ହୁଏ । ଏସବୁ ସାହିତ୍ୟରେହିଁ ହୁଏ । ବୌଦ୍ଧସାଧନାରେ ଯବନେ ଗ୍ରୀସ୍‌ରେ କାମନାଦ୍ୱେଷୀ ଷ୍ଟୋଇକମାନେ ବାହାରି ସେ କାଳ ପାଶ୍ଚାତ୍ୟ ଜଗତରେ ଘୋର ପ୍ରଭାବ ବିସ୍ତାର କରିଥିଲେ । ପ୍ରାଚୀନ ଏସିଆ ମାଇନରରେ ବେଦଧର୍ମୀ ଆର୍ଯ୍ୟମାନେ ସାଢ଼େ-ତିନି ହଜାରରୁ ଅଧିକ କାଳ ପୂର୍ବେ ମାର ପୂଜା ମଧ୍ୟ ଗ୍ରହଣ କରିଥିଲେ । ସମସ୍ତ ଭାରତରେ ବୈଦିକ ଆର୍ଯ୍ୟ ପ୍ରଭାବ ଏହିପରି ବ୍ୟାପିଥିଲା, ପୁଣି ଏହି ସୂତ୍ରରେ କଠୋର ପିତୃକୁଳସେବୀ ଆର୍ଯ୍ୟମାନେ ଭାରତୀୟଙ୍କ ଶିବଶକ୍ତିର ଉପାସନା ସଂଗେ ଶୂନ୍ୟ ସାଧନାର ନିର୍ବାଣ ଯୋଗ ଜୀର୍ଣ୍ଣ କରି ସୂର୍ଯ୍ୟ ଆତ୍ମାର ପୂଜାରୁ କାପିଳ ଶାଂକର ଓ ପାତଞ୍ଜଳ ଦର୍ଶନ ଓ ସାଧନାର ତନ୍ତ୍ର ଫିଟାଇ ଥିଲେ ।

Digitized by srujanika@gmail.com

ବେଦ ଧର୍ମରେ ପ୍ରଭାବିତ ହୋଇ ଥରେ ମିଶର ରାଜ ଅମେନ ହୋଟେପ୍ ସୂର୍ଯ୍ୟ ଆତ୍ମାର ପୂଜାରେ ନିଜ ରାଜ୍ୟର ଶତାବ୍ଦୀର ସଂସ୍କାରକୁ ଭସାଇ ଦେଇଥିଲେ । ଭାରତରେ ଗ୍ରୀକ୍ କଳା ପରି କୁଶାଣ କାଳର କମ୍ର ବଳିଷ୍ଠ ପ୍ରାକୃତ ଓ ଜୀବନ୍ତ ଗାନ୍ଧାରକଳା ଫୁଟାଇଥିଲା । ପାରସ୍ୟକଳାର ଜ୍ୱଳନ୍ତ ପ୍ରଭାବ ଯେଉଁ ଅଜନ୍ତା ଚିତ୍ର ବିଷ୍ଣୁସ୍ୱର ବିଗ୍ରହ ପରି ବିରାଟ ତୁଙ୍ଗଚୂଳ ତାଜମହଲ ରସିକ ସମ୍ରାଟ୍ ଶାହାଜାହାନଙ୍କର କୀର୍ତ୍ତି ଗାନ କରୁଛି । ପର୍ତ୍ତୁଗୀଜମାନେ ଦକ୍ଷିଣ ଅମେରିକାରୁ ଆଣିଥିବା ଗୋଲମରିଚ, ଚିଜୁଳି ବା ଜାମି ପୁଣି ସପେଟା ପୂର୍ବ ଦ୍ୱୀପରୁ ଆସିଥିବା ଅମୃତଭଣ୍ଡା ପ୍ରଭୃତି ଆଜି ଭାରତୀୟ ଫଳସେବୀର ଏକାନ୍ତ ଅବଲମ୍ବନ ହୋଇଛି ।

ସେଇପରି ଅନ୍ୟଆଡ଼େ, ସଂଘର୍ଷ ଓ ପ୍ରଭାବ ହେତୁରୁ ଜଙ୍ଗଲୀ ଶବର, ଆଜି 'ପତର ସଉରା' ହୋଇଛନ୍ତି । ଜୟପୁରରେ ବ୍ରାହ୍ମଣ ହୁଏତ ଆଜି 'ଦଶାରି' ଡାକି ବିବାହ ଦିନ ବୁଝାଉଛି, ଓ 'ଗୁଣିଆ' ଡାକି ଯକ୍ଷ୍ମା ରୋଗୀ ଦେଖାଉଛି । ଆମେରିକାର ତାମ୍ରକୂଟ ବା ତମାଖୁ ଆଜି ସାରା ପୃଥିବୀକୁ ଗ୍ରାସ କରି ବସିଛି, ପୁଣି ଆରବ ଆସାମର କଫି ଓ ଚା, ପାଶ୍ଚାତ୍ୟର ଚମକ୍ ଯେଉଁ ସଭ୍ୟତାର ଅଚ୍ଛେଦ୍ୟ ଅଙ୍ଗରୂପେ ପ୍ରାସାଦରୁ କୁଟୀର ପର୍ଯ୍ୟନ୍ତ ଆକ୍ରମଣ କରୁଛି ।

ଏହାଛଡ଼ା କାବ୍ୟ ନାଟକର ଆଦର୍ଶ ଓ ଶୈଳୀଠାରୁ ରାଜ୍ୟନୀତିର ପ୍ରଚୁର ପ୍ରୟୋଗ ପର୍ଯ୍ୟନ୍ତ ନିର୍ମାଣ ଓ ଗଠନ ଠାରୁ ପ୍ରାଶନ ଓ ପରିଚ୍ଛଦ ପର୍ଯ୍ୟନ୍ତ, ସେନା ଓ କାରଖାନାର ଶୃଙ୍ଖଳାଠାରୁ ବିଜ୍ଞାନର ନବ ନବ ସିଦ୍ଧି ପର୍ଯ୍ୟନ୍ତ, ସବୁଥିରେ ଆଦାନ ପ୍ରଦାନ ସଂଘର୍ଷ ଓ ପ୍ରଭାବ ଆଜି ପୃଥିବୀରେ ବିଦ୍ୟୁତ୍ ଗତିରେ ବ୍ୟାପି ଯାଉଛି । ଏସବୁ ସାହିତ୍ୟ, ଓ ସାହିତ୍ୟ ମଧ୍ୟ ଏହା କରୁଛି ; ସାହିତ୍ୟରେ ଏ ସବୁ ଫୁଟୁଛି ଓ ସାହିତ୍ୟରେ ଏହାର ମୂଲ୍ୟ ମପାଯାଉଛି ।

Digitized by srujanika@gmail.com

ଆଜି ଏଇ ଆଦାନ ପ୍ରଦାନ ସଂଘର୍ଷ ପ୍ରଭାବ କି ତୀବ୍ର ଗତିରେ ଚାଲିଛି ? ପ୍ରତ୍ୟେକ କ୍ଷେତ୍ରରେ ଆଜି ସେଥିପାଇଁ ଭାଷାହିଁ ରାଜତ୍ୱ କରୁଛି କହିଲେ ଚଳେ । ଭାଷାରେହିଁ ଆଜି ନୂଆ ନୂଆ ସତ୍ୟ ଓ କ୍ରିୟା ନିତି ଫୁଟୁଛି ; ଭୁଲାଇବା ବଳାଇବା ବଢ଼ାଇବା ମଢ଼ାଇବା ନିବର୍ତ୍ତାଇବା ପ୍ରଭୃତି ସବୁ ପାଇଁ ଭାଷା । ଛାପାଖାନା ଡାକ ପୁଣି ବିଦ୍ୟା ଓ ବିଜ୍ଞାନ ମନ୍ଦିରରୁ ଆଜି ବେତାର ପ୍ରଚାର ଓ ଶବ୍ଦବର୍ଦ୍ଧନାଦିକୁ ଆସିଲାଣି ; ତଥାପି ପୂରା ପଡ଼ୁନାହିଁ । ଏ ସବୁ କ୍ଷେତ୍ରରେ ସାହିତ୍ୟର ପ୍ରକାଶ ଓ ବିକାଶ । ଏଥିରେହିଁ ମାନବର କ୍ରମିକ ଆତ୍ମପ୍ରକାଶ ।

ଆମେ କିନ୍ତୁ ଆଜି ଉତ୍କଳ ସାହିତ୍ୟର କଥା ବିଚାର କରୁଥାଇଁ । କେହି ପୁଣି ହୁଏତ ମନେ କରିବେ, ମାନବ ସାହିତ୍ୟର ଏ ବିରାଟ ବିକାଶ ଭିତରେ ଉତ୍କଳ ସାହିତ୍ୟ ପରି ସଂକୀର୍ଣ୍ଣ ଧାରଣାର ସ୍ଥାନ କାହିଁ ? ଋଷିଆର ଶିଳ୍ପ ଶ୍ରମିକ ସଂଗେ ଏକାଦିନକେ ଜୟପୁରର 'ଗାଦବା'କୁ ଯେଉଁମାନେ ସମାନ କରି ଦେବାକୁ ଅତି ଅକିଂଚିତ୍‌କର ସାଧନା ବୋଲି ମନେକରନ୍ତି, ଆଇନ୍‌ଷ୍ଟାଇନ୍‌ଙ୍କ ଆବିଷ୍କୃତ ବିଶ୍ୱତତ୍ତ୍ୱର ଆପେକ୍ଷିକତାକୁ ପର୍ଯ୍ୟନ୍ତ ଯେଉଁମାନେ ପ୍ରାଥମିକ ଶିକ୍ଷାର ଉପାଦାନ ବୋଲି ବିଚାରିବାରେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ, ଦଶ ପାଞ୍ଚ ବର୍ଷ ଭିତରେ ପୃଥିବୀର ସମସ୍ତଙ୍କ ସଂପତ୍ତି ଓ ସଭ୍ୟତା ସମାନ କରିଦେବାର ଯେଉଁମାନଙ୍କ ଉଦ୍ଦେଶ୍ୟ, ବୈଷମ୍ୟର ନିତ୍ୟତ୍ୱ ଓ ବେଷ୍ଟନୀର ପ୍ରଭାବ ଯେଉଁମାନେ ସ୍ୱୀକାର କରନ୍ତି ନାହିଁ, ସ୍ୱୀକାର କଲେ ମଧ୍ୟ ତାହା କୃତ୍ରିମ, ଓ ଏଣୁ ତାକୁ ଏଡ଼ିଦବା ସହଜ ବୋଲି ମନେ କରନ୍ତି, ପରଂପରାର ବିକାଶ ତତ୍ତ୍ୱ ଯେଉଁମାନେ ବୁଝନ୍ତି ନାହିଁ, ଏପରି କି ନାରୀ ପୁରୁଷର ନିତ୍ୟ ପ୍ରାକୃତ ଧର୍ମଭେଦ ପର୍ଯ୍ୟନ୍ତ ଭୁଲି ଯେଉଁମାନେ ଦୁହିଙ୍କୁ ସର୍ବତୋଭାବରେ ସମାନ କରିଦେବାକୁ ଲୋଡ଼ନ୍ତି, ସେପରି ଆଦର୍ଶବାଦୀ ଓ ଅନବେକ୍ଷିତ

Digitized by srujanika@gmail.com

ଅପରୀକ୍ଷିତ ଆଦର୍ଶମାତ୍ରସର୍ବସ୍ୱ ଲୋକଙ୍କର ଏ ଯୁଗରେ ଅଭାବ ନାହିଁ । ପୃଥିବୀରେ ପ୍ରଭାବର ଅତ୍ୟାଗ୍ରହ ବିରୁଦ୍ଧରେ ଆଜି ଘୋର ବିଦ୍ରୋହ ଓ ପ୍ରତିକ୍ରିୟାର ବିଧ୍ୱଂସୀ ବାତ୍ୟା ବହୁଛି । ବିଶେଷରେ ପରାଧୀନ ଜନସମାଜ ଏଥିରେ କଳ୍ପନାର ସ୍ୱର୍ଗ ଦେଖି ଉନ୍ମତ୍ତ ଓ ବିଭ୍ରାନ୍ତ । ପରଂପରା ଛିନ୍ନଭିନ୍ନ ହୋଇଛି, ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି । ଏତେବେଳେ ତେଣୁ ମାନବ ବିକାଶରେ ଉଜ୍ଜ୍ୱଳ ସାହିତ୍ୟ ପରି ଏକଦେଶୀ ବସ୍ତୁର ମାପ ଠିକ୍ କରିଦେବା ଦରକାର ।

ବସ୍ତୁର ଧାରଣା ବା ପଦାର୍ଥର ଜ୍ଞାନ ହୋଇଛି ଚିନ୍ତାର ଉପେୟ । ପଦ, ଅର୍ଥାତ୍ ନାମର ଯାହା ଅର୍ଥ, ତାହାହିଁ ବସ୍ତୁ । ପ୍ରତ୍ୟେକ ନାମରେ ତେଣୁ ଗୋଟିଏ ଗୋଟିଏ ବସ୍ତୁ ପ୍ରକାଶ ପାଏ । ଏହି ବସ୍ତୁକୁ ପୁଣି ତତ୍ତ୍ୱ ବା 'ତାହାର ଭାବ' କହନ୍ତି । ଜଳ, ଆକାଶ, ତେଜ, ବାୟୁ ; ସୂର୍ଯ୍ୟ, ପାହାଡ଼, ମାନବ, ଜନ୍ତୁ, ବୃକ୍ଷ ; ଚିନ୍ତା, ବେଦନା, ବୁଦ୍ଧି, ପ୍ରୀତି ;—ଏପରି କି, କ୍ଷୁଦ୍ର, ବୃହତ୍, ଯେପରି, ଓ, ଆଜି, କିଂତୁ—ଏସବୁ ଗୋଟିଏ ଗୋଟିଏ ପଦ ବା ନାମ । ଏମାନେ ଗୋଟିଏ ଗୋଟିଏ ବସ୍ତୁର ସଂକେତ । ପ୍ରତ୍ୟେକ ବସ୍ତୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପ୍ରକାଶ ବା ବ୍ୟକ୍ତି । ଏଇ ବ୍ୟକ୍ତି-ତତ୍ତ୍ୱ ପୁଣି ସର୍ବଦା ସେଇ ଏକରେ ବହୁ ଓ ବହୁରେ ଏକ । ଯେ କୌଣସି ବ୍ୟକ୍ତିର କଳ୍ପନା କର, ତା ଗୋଟିଏ ସ୍ୱତନ୍ତ୍ର ପ୍ରକାଶ । ମାତ୍ର ଏଇ ସ୍ୱାତନ୍ତ୍ର୍ୟରେ କିପରି ଭାଗ ସଂପର୍କ ସଂଘର୍ଷ ପ୍ରଭାବ ପରିସ୍ଥିତି ପ୍ରଭୃତିର ବହୁତା ଜଡ଼ିତ ଅଛି, ତାହା ଧାରଣାରେ ଆଣିବା ଦୁଷ୍କର । ଏଇ ଏକ ସ୍ୱତନ୍ତ୍ର ବ୍ୟକ୍ତି ପୁଣି ଅସଂଖ୍ୟ ବ୍ୟକ୍ତିର ସମବାୟ । ପୁଣି ସେଇ ସମବାୟରେ ଥିବା ପ୍ରତ୍ୟେକ ବ୍ୟକ୍ତି ସେଇପରି ବ୍ୟକ୍ତିର ସମବାୟ । ଏଇପରି ଯେଉଁଠାରୁ ଆରଂଭ କରିବ ସେଠାରୁ

Digitized by srujanika@gmail.com

ତଳକୁ ଓ ଉପରକୁ ବ୍ୟକ୍ତି ଓ ସମଷ୍ଟିର ନିଗୂଢ଼ ଦୁର୍ବିଜ୍ଞେୟ ଅଥଚ ନିତ୍ୟ ସଂସ୍ପର୍କରେ ବିଶ୍ୱବିକାଶ ପୂର୍ଣ୍ଣ ଓ ଅନନ୍ତ ।

ବନସ୍ତ ବୋଲି ଆମର ଯେଉଁ ଧାରଣା ହୁଏ, ତାହା ଗୋଟିଏ ସ୍ୱତନ୍ତ୍ର ବିକାଶ ବା ଦାର୍ଶନିକ ବ୍ୟକ୍ତି । ମାତ୍ର ସେଥିରେ ଗଛ ଲଟି ଅଗମ୍ୟତା ଖ୍ୟାପଣତା ପ୍ରଭୃତି କେତେ ବ୍ୟକ୍ତିର ସମଷ୍ଟି ବା ସମୂହ ଧାରଣା ଯେ ମିଶିଛି, ତା କହିବା ଅସଂଭବ । ପୁଣି ଗଛ । ସେଥିରେ ପତ୍ର, ଡାଳ, ଚେର, ଋତୁର ପ୍ରଭାବ, ଦୃଶ୍ୟର ମାପ ପ୍ରଭୃତି ସେଇପରି ଅସଂଖ୍ୟ ବ୍ୟକ୍ତି । ପୁଣି ପତ୍ର । ସେଥିରେ ମଧ୍ୟ ଶିରା, ବର୍ଣ୍ଣ, ସୂର୍ଯ୍ୟକିରଣର କ୍ରିୟା ପ୍ରଭୃତିର ସମବାୟ ଧାରଣା ରହିଛି । ପୁଣି ସୂର୍ଯ୍ୟକିରଣ । ସେଥିରେ ତେଜ, ତାପ, ଅବରୋଧ, ପ୍ରବେଶ, ସପ୍ତବର୍ଣ୍ଣ ପ୍ରଭୃତି କେତେ ବ୍ୟକ୍ତିର ସମବାୟ ଓ ସମଷ୍ଟି । ପୁଣି ସପ୍ତବର୍ଣ୍ଣ । ସେଥିରେ ପୁଣି ପ୍ରତ୍ୟେକ ବର୍ଣ୍ଣର ପ୍ରକୃତି ଓ କ୍ରିୟା ଧରି କେତେ ବ୍ୟକ୍ତି ଅଛନ୍ତି । କେବଳ ଏଇପରି ବସ୍ତୁରେ ନୁହେଁ । ଗୋଟିଏ ପତ୍ରର ଧର୍ମ ବା ପ୍ରକୃତିର କ୍ରିୟାସମୂହ ଦେଖିଲେ, କି ଅସଂଖ୍ୟ ଆଦାନ ପ୍ରଦାନ ସଂସ୍ପର୍କ, ସଂଘର୍ଷ ପ୍ରଭୃତି ସେଥିରେ ଅନ୍ତର୍ନିହିତ ଅଛି ? ପତ୍ରଟିକୁ ଗଛ କାଢ଼ିବ ସୂର୍ଯ୍ୟ ଓ ପବନ ଆଡ଼କୁ ମୁହଁ । ପତ୍ର ସୂର୍ଯ୍ୟକିରଣକୁ ଧରି ପବନର ଅଙ୍ଗାରାମ୍ଳଜାନ ବାଷ୍ପ ଠିକ ଠିକ କରି ଭାଙ୍ଗି ଅମ୍ଳଜାନ ଫିଙ୍ଗିଦେଇ ଅଙ୍ଗାରଟିକ ସୂର୍ଯ୍ୟକିରଣରେ ମିଶାଇ ନିଜର ଜୀବିତ ଦେହ ତିଆରି କରିବ । ସେତିକ କମେ ପୁଣି ଗଛକୁ ଦେଇ, ନିଜର କାମ କରିବା ଶକ୍ତି ସରିଗଲେ ହଳଦିଆ ହୋଇଯିବ । ସେତେବେଳେ ଗଛ ତା ଜନ୍ମମୂଳରୁ ସମ୍ବନ୍ଧ କାଢ଼ିନବ । ଗୋଟିଏ ପତ୍ରରେ ଏଇପରି ଅନନ୍ତ କର୍ମରେ ଅନନ୍ତ ବ୍ୟକ୍ତିତ୍ୱର ସମାବେଶ । ଏଇ ବ୍ୟକ୍ତିଗୁଡ଼ିକ ଛଡ଼ା ସମଷ୍ଟି ବସ୍ତୁର କିଛି ଅର୍ଥ ନାହିଁ । ପୁଣି

Digitized by srujanika@gmail.com

ସମଷ୍ଟିଗତ ବ୍ୟକ୍ତି ଛଡ଼ା ମଧ୍ୟ ଅନନ୍ତ ସଂପର୍କ ଓ କର୍ମରେ ନିହିତ ଥିବା ସ୍ୱତନ୍ତ୍ର ବ୍ୟକ୍ତିଗୁଡ଼ିକର ମଧ୍ୟ କିଛି ଅର୍ଥ ନାହିଁ । ଏଇ ପଦ୍ମ ବସ୍ତୁଟିରେ ଦେଖ । ପଦ୍ମବସ୍ତୁର ବସ୍ତୁତ୍ୱ ଛଡ଼ା, ସୂର୍ଯ୍ୟକିରଣ ଅଙ୍ଗାର ବାଷ୍ପ ପ୍ରଭୃତିର କ୍ରିୟାଗୁଡ଼ିକ ଯାହା କୁହାଗଲା, ସେ ସବୁର କିଛି ମୂଲ୍ୟ ନାହିଁ । ସେସବୁ ଛଡ଼ା ମଧ୍ୟ ପଦ୍ମବସ୍ତୁର କିଛି ଅର୍ଥ ନାହିଁ । ଜଗତରେ ସମସ୍ତ ବ୍ୟକ୍ତି ବା ବିକାଶ ନିଜ ନିଜ ସ୍ୱାତନ୍ତ୍ର୍ୟ ଓ ସମ୍ବନ୍ଧତାରେ ଏଇପରି ନିୟମିତ ଓ ନିବଦ୍ଧ । ଯେ କୌଣସି ବ୍ୟକ୍ତିର କଳ୍ପନା କର, ତାହାର ବିକାଶ ଆଉ କେତେଗୁଡ଼ିଏ ସମେତ ବ୍ୟକ୍ତିର ସମବାୟ । ପ୍ରତ୍ୟେକ ସମେତ ବ୍ୟକ୍ତିର ନିଜ ନିଜର ସ୍ୱତନ୍ତ୍ର ଆତ୍ମବିକାଶରେ ସମବାୟଗତ ବ୍ୟକ୍ତି ପ୍ରକାଶ ପାଏ । ଦୁହେଁ ପୁଣି ଧାରଣାରେ ଭିନ୍ନ ହେଲେହେଁ ବାସ୍ତବ୍ୟତାରେ ଅଭିନ୍ନ । ସମସ୍ତ ବିକାଶରେ ଏଇ ନୀତି ଏଇ ଧର୍ମ । ସମଷ୍ଟିକୁ ଧରି ତଦନ୍ତର୍ଗତ ସମସ୍ତ ବ୍ୟକ୍ତି ତାହାର ଠିକିଏ ଠିକିଏ ଭାଗ, ଓ ଦୁହେଁ ଠିକ୍ ଏକାପରି ବୋଲି ସମଷ୍ଟି-ବ୍ୟକ୍ତି କଳ୍ପନା କରିବା ଏକ ଭ୍ରାନ୍ତି ; ଏହାହିଁ ମାୟା ଓ ଅତିପ୍ରାକୃତ ଅବିକଶିତ ମାନବର ମୂଢ଼ ଧାରଣା । ଜଗତ୍ ବିକାଶରେ ଯଥାର୍ଥରେ ଏପରି ବସ୍ତୁ ନାହିଁ । ଓଡ଼ିଆ ସାହିତ୍ୟକୁ ସ୍ୱତନ୍ତ୍ର ବ୍ୟକ୍ତିରୂପେ ନ ଦେଖି, ଭାରତ ବା ବିଶ୍ୱ ସାହିତ୍ୟ ସଂଗେ ଏହା ସମାନ ପ୍ରକୃତିକ ଓ ତାହାର ଭାଗରେ କଣ୍ଠା ଅଂଶଟିଏ ବୋଲି ଭାବିବାର ଉପାୟ ନାହିଁ । ଏହା ନିଜ ବିକାଶରେ ଅତ୍ୟନ୍ତ ସ୍ୱତନ୍ତ୍ର, ଓ ସେଇ ହିସାବରେ ସମଷ୍ଟିର ସମ୍ବନ୍ଧତାରେ ଏହା ଗୋଟିଏ ଅଂଶ । ଏଇ ହିସାବରେ ବ୍ୟକ୍ତିପୋଷଣରେ ସମଷ୍ଟି ନ ଦେଖିଲେ ବିକାଶ ଅସମ୍ଭବ । ଅନ୍ୟଥା, ସମଷ୍ଟିର ଭୌତିକ ଅଂଶରୂପେ ବ୍ୟକ୍ତିକୁ ସମଷ୍ଟି ସଂଗେ ସର୍ବତୋଭାବରେ ଏକଧର୍ମା କରିଦେଲେ, ବ୍ୟକ୍ତି ଭ୍ରଷ୍ଟ ବା ନଷ୍ଟ ହୁଏ, ଓ ସେ ବ୍ୟକ୍ତିର ସମଷ୍ଟି

Digitized by srujanika@gmail.com

ବିକାଶରେ କୌଣସି କିମ୍ବା ବା ଅଂଶ ରହେ ନାହିଁ । ଅପରନ୍ତୁ, ସମଷ୍ଟିରେ ଦୃଷ୍ଟି ଛାଡ଼ି, ବ୍ୟକ୍ତିର ମଧ୍ୟ ବିକାଶ କରିବା ଅସଂଭବ । ସେ ଉଦ୍ୟମରେ ମଧ୍ୟ ବିକାଶର ଧାରା ବିଘଟିତ ହୁଏ, ଓ ବିକାଶ ଉପେକ୍ଷିତ ହୋଇ ବିଲୀନ ହୁଏ ।

ତେଣୁ ଓଡ଼ିଆ ସାହିତ୍ୟର ବିକାଶ ସ୍ୱାତନ୍ତ୍ର୍ୟ ସ୍ପଷ୍ଟ କରିବାକୁ ହେବ, ଓ ସଂଗେ ସଂଗେ ଭାରତ ସାହିତ୍ୟ ତଥା ମାନବ ସାହିତ୍ୟ ଭିତ୍ତିରେ ଏହି ସ୍ୱାତନ୍ତ୍ର୍ୟର ଯଥାର୍ଥ ଉପଯୋଗିତା ଦେଖିବାକୁ ହେବ । ସ୍ୱରୂପିତ ଭୁଲିଯାଇ ଅନ୍ୟର ଅନୁକରଣ ମାତ୍ରରେ ସମତା ଓ ଶ୍ରୀବୃଦ୍ଧି କଳ୍ପନାରେ ଉଦ୍ୟମଶୀଳ ହେଲେ, କେବଳ ଯେ ଓଡ଼ିଆ ସାହିତ୍ୟ ବିକାଶର ପନ୍ଥା ରୁଦ୍ଧ ହେବ ସେତିକି ନୁହେଁ, ଫଳରେ ଭାରତ ତଥା ମାନବ ସାହିତ୍ୟ ବା ସଭ୍ୟତା ନିଜର ସମଷ୍ଟିଗତ ବ୍ୟକ୍ତିତ୍ୱ ବିକାଶରେ ଗୋଟିଏ ନିର୍ଦ୍ଦିଷ୍ଟ ଓ ଉପଯୋଗୀ ବ୍ୟକ୍ତି ହରାଇବ ।

ଏ ଧାରଣା ଓ ଧାରଣା ଅନୁସାରେ କିମ୍ବା ବଡ଼ ଦୁଷ୍ପ୍ରାପ୍ୟ ହେଲେହେଁ ଏହାହିଁ ଗତି । ସାଧାରଣ କଥାରେ ଏହାକୁ ଶରୀର ସଂଗେ ଉପମା ଦେଇ ଧାରଣାର ଉଦ୍ୟମ କରା ଯାଇ ଥାଏ । ହାତ ଗୋଡ଼ ପେଟ ମୁଣ୍ଡ ପ୍ରଭୃତି ଶରୀରର ବ୍ୟକ୍ତି । ଶରୀର ଏଇମାନଙ୍କ ସମଷ୍ଟିର ପ୍ରକାଶ । ଶରୀର ଛଡ଼ା ଏମାନଙ୍କ ପ୍ରକାଶ ନାହିଁ, କି ଏମାନଙ୍କ ଛଡ଼ା ଶରୀରର ପ୍ରକାଶ ନାହିଁ । ବରଂ ଏମାନଙ୍କ ମଧ୍ୟରୁ ଗୋଟିଏ ଅଧେ ବିକାଶରେ ହ୍ରସ୍ୱ ବା ଖଣ୍ଡିତ ହେଲେ ଶରୀର ରହିପାରେ—ଶରୀର ସୁସ୍ଥ ଓ ପୂର୍ଣ୍ଣ ନ ହେଲେ ବି ଶରୀର ଧାରଣାଟି ଖଣ୍ଡିତ ହୁଏ ନାହିଁ । ମାତ୍ର ଶରୀର ନ ଥିଲେ କୌଣସି ଅଂଗ ପ୍ରତ୍ୟଂଗର ମୂଲ୍ୟ କିଛି ନାହିଁ । ତଥାପି ଅଙ୍ଗ ପ୍ରତ୍ୟଙ୍ଗରେ ପୂର୍ଣ୍ଣ ନ ହେଲେ ମଧ୍ୟ ଶରୀର ଠିକ୍ ଶରୀର ନୁହେଁ । ଓଡ଼ିଆ ସାହିତ୍ୟକୁ ଭାରତ ସାହିତ୍ୟ ତଥା ମାନବ ସାହିତ୍ୟ ସଂପର୍କରେ

Digitized by srujanika@gmail.com

ସେଇପରି ବୁଝିବାକୁ ହେବ । ସମଷ୍ଟିରେ ଏହାର ବିଶିଷ୍ଟତା ବୁଝି ଫୁଟାଇବାରେ ଲାଗିବାକୁ ହେବ । ତା ନ ହେଲେ ଓଡ଼ିଆ ସାହିତ୍ୟ ରହିବ ନାହିଁ, ରହିବାର କିଛି ଅର୍ଥ ନାହିଁ । ପକ୍ଷାନ୍ତରରେ ଆମ ଓଡ଼ିଆ ସାହିତ୍ୟ, ଅନ୍ୟ ସବୁ ସାହିତ୍ୟରୁ ଏହା ବିଲକୁଲ ଅଲଗା, ଏପରି ବୁଝି ଅନ୍ଧ ବିଶ୍ୱାସରେ ବିକାଶର ଉଦ୍ୟମ କଲେ, ସେ ବିକାଶ ଭ୍ରଷ୍ଟ ହେବ—ସେପରି ଓଡ଼ିଆ ସାହିତ୍ୟ ରହିବା ବି ଉଚିତ ନୁହେଁ ।

ଏହାର ସ୍ପଷ୍ଟ ସ୍ୱାତନ୍ତ୍ର୍ୟ ଅଛି, ପୁଣି ବିଶ୍ୱସାହିତ୍ୟ, ତଥା ଭାରତ ସାହିତ୍ୟର ସମୂହ ବିକାଶ ଓ ପ୍ରକାଶରେ ଏହାର ସ୍ଥାନ ଅଛି । ଏ ଦୁଇଟିର ଧାରଣା ସ୍ପଷ୍ଟ ରଖି ସାଧନାର ପନ୍ଥା ଦେଖିବାକୁ ହେବ । ମାତ୍ର କୌଣସି କୌଣସି ସମୂହ ବ୍ୟକ୍ତିତ୍ୱର ବିକାଶରେ ବ୍ୟକ୍ତି ବିଶେଷର ମୂଲ୍ୟ ବଡ଼ କମ ଥାଏ—ବେଳେବେଳେ ସେ ସମୂହରେ ଯାହା ବ୍ୟକ୍ତି ପରି ଲାଗେ ତାହା ବ୍ୟକ୍ତି ବି ନୁହେଁ, ବ୍ୟକ୍ତିର ଅଭାବ ମାତ୍ର । ଶରୀରର ଗୋଟିଏ ଆଙ୍ଗୁଠି ପବ କଟିଗଲେ କ୍ଷତି ହୁଏ, ବିଶେଷ ହୁଏ ନାହିଁ—ନଖବାଳ ବଢ଼ିଲେ କାଟି ଦେବାକୁ ହୁଏ । ଶରୀରରେ ମଧ୍ୟ ଅବୁ ଓ ଗୋଦର ହୁଏ । ଅତଏବ ଓଡ଼ିଆସାହିତ୍ୟର ମାନବ ବିକାଶରେ ଯଥାର୍ଥ ମୂଲ୍ୟ ନିରୂପଣ କରି, ସେଇ ମୂଲ୍ୟ ମାପରେ ତାର ଧାରଣା ଦୃଢ଼ କରିବାକୁ ହେବ ।

ଏ ମୂଲ୍ୟ ମାପିବାକୁ ହେଲେ, ସାହିତ୍ୟ ଭଳି ବ୍ୟକ୍ତିତ୍ୱର ଧାରଣା ଆଉ ଟିକିଏ ବିଶଦ କରି ମନେ ରଖିବା ଭଲ । ସମସ୍ତ ସ୍ୱତନ୍ତ୍ର ବିକାଶକୁ ବ୍ୟକ୍ତି ବୋଲି କୁହାଗଲେହେଁ, ସାଧାରଣତଃ ସେଥିପାଇଁ ବସ୍ତୁ ଓ ବ୍ୟକ୍ତି ଦୁଇଟି କଥାର ପ୍ରୟୋଗ ହୁଏ । ସୃଷ୍ଟି ପ୍ରକାଶରେ ମନୁଷ୍ୟ ବୁଦ୍ଧିରେ ଯେଉଁ ବ୍ୟକ୍ତିତ୍ୱ ଧାରଣା କରେ



Digitized by srujanika@gmail.com

ତାହା ବସ୍ତୁ, ବୁଦ୍ଧିର ଉପାଦାନରେ ଯେଉଁ ବ୍ୟକ୍ତିତ୍ୱ ତିଆରି ହୁଏ ସେ ବ୍ୟକ୍ତି । ଜୀବନ ଗୋଟିଏ ବସ୍ତୁ, ମାତ୍ର ଆତ୍ମା ବା ମୁଁ ବୋଲି ଯେଉଁ ଧାରଣା ସେ ଏକ ବ୍ୟକ୍ତି, ତାହାର ବ୍ୟକ୍ତିତ୍ୱ ଅଛି । ଶରୀର ଓ ଶରୀର ବୃତ୍ତିର ସେ ନିୟାମକ, ମାତ୍ର ଶରୀର ବସ୍ତୁ ସେ ନୁହେ, ଜୀବନ ସଂଗେ ତାର ନିତ୍ୟ ସଂବନ୍ଧ, ମାତ୍ର ସେ ଜୀବନରୁ ଭିନ୍ନ ଓ ଅତୀତ । ପୁଣି ସବୁ ପ୍ରକାର ଶରୀର ଓ ଜୀବନରେ ମନୁଷ୍ୟର 'ମୁଁ' ପର ନିୟାମକ ବ୍ୟକ୍ତି ନାହିଁ, ଅନ୍ତତଃ ଥିବାର ସ୍ପଷ୍ଟ ନୁହେ । ଏଇ ମୁଁ ବସ୍ତୁ ବା ମନ ଅଥବା ଚିନ୍ତାର ଉପାଦାନରେ ଶରୀର ଓ ଜୀବନର ସାକ୍ଷାତ ସଂପର୍କ ଛଡ଼ା ଯେଉଁ ବ୍ୟକ୍ତିତ୍ୱ ବିକାଶ ପାଏ, ସେଇଭଳି ବ୍ୟକ୍ତିତ୍ୱର ଶ୍ରେଷ୍ଠ ଉଦାହରଣ ସମାଜ ଓ ସାହିତ୍ୟ ।

ପରଂପରା ଏଇ ବୃତ୍ତିର ଏକ ବିଶେଷ ଲକ୍ଷଣ । ବସ୍ତୁରେ ମଧ୍ୟ ପରଂପରା ଅଛି । ନୀହାରିକାରୁ ନଦୀସ୍ରୋତ ପର୍ଯ୍ୟନ୍ତ, ସୃଷ୍ଟିମୂଳ ଭୂତ ତତ୍ତ୍ୱରୁ ବିଦ୍ୟୁତ୍ କଣିକାର ବିଭିନ୍ନ ସମବାୟ ଭିତରେ ବିକାଶ ପ୍ରାପ୍ତ ଅନନ୍ତ ବ୍ୟୋମରେ ବିଲୀନ ସୂର୍ଯ୍ୟରଶ୍ମି ପର୍ଯ୍ୟନ୍ତ—ଯେଉଁଠାରେ ଦେଖ, ବିକାଶର ପରଂପରା ଅଛି—ଏକ ଅବସ୍ଥାରୁ ଅବସ୍ଥାନ୍ତର ଫୁଟି ଉଠୁଛି । ପର ଅବସ୍ଥା ସର୍ବଦା ପୂର୍ବର ଭୂୟୋବିକାଶ, ଓ ପୂର୍ବ ଅବସ୍ଥାରେ ନିୟମିତ । ଜୀବନ୍ତ ବସ୍ତୁ ବା ଜନ୍ତୁଠାରେ ମଧ୍ୟ ସେଇ ଜୀବନ ବସ୍ତୁର ପରଂପରା ସ୍ପଷ୍ଟ । ନିତାନ୍ତ ସ୍ଥୂଳ ଗଣନାରେ ମଧ୍ୟ ବାଲ୍ୟ ଯୌବନ ଜରାରେ ବିକାଶ ଗତି କରେ । ପୁଣି ଜରା ବା ବିନାଶ ବିକାଶର ଧର୍ମ ନୁହେ । ତେଣୁ ମହାଭୂତର ଅନନ୍ତ ସଂଘର୍ଷ ମଧ୍ୟରେ ଜୀବ ଯୌବନ ପାଇଲା ମାତ୍ରେ, ସଂଘର୍ଷର ବଳିଷ୍ଠ ପରଂପରା ଅକ୍ଷୁଣ୍ଣ ରଖିବାପାଇଁ ଯେପରି ସ୍ୱ ନିଜ ପରି ସନ୍ତାନରେ ଜୀବନ ତିଆରି କରି ଫିଙ୍ଗି ଦେଉଛି । ଅନନ୍ତ ମୃତ୍ୟୁ

Digitized by srujanika@gmail.com

ଧ୍ୱଂସ ଓ ଅପଚୟ ଭିତରେ ବିକାଶ ପରଂପରାର ଜୀବନ୍ତ ଧାରା ଏଇପରି ଅଖଣ୍ଡ ଗୃହୀତ ।

ମାତ୍ର ଅଧ୍ୟାତ୍ମ ଗଣନାରେ ଏ ସବୁ ପରଂପରାରେ ଅସ୍ମଦ୍-ଭିନ୍ନ ବା ମୁଁ ରୁ ଅଲଗା ମୁଁ ର ଦାର୍ଶନିକ ଆବେଦନ ଥାଇ ପାରେ, ମାତ୍ର 'ମୁଁ' ପରି ଗୋଟିଏ ବ୍ୟକ୍ତିତ୍ୱ ପୀଠରେ ଜ୍ଞାନର ପରଂପରା ସେମାନଙ୍କଠାରେ ଦେଖାଯାଏ ନାହିଁ । ଶଂକରାଚାର୍ଯ୍ୟଙ୍କ ଭାଷାରେ ସେ ସବୁ 'ଯୁଷ୍ମଦ୍' 'ଅସ୍ମଦ୍' ନୁହେଁ—ପୁଣି ସେ ସବୁ 'ତତ୍' 'ତ୍ୱଂ' ନୁହେଁ । ତତ୍ତ୍ୱମସିର ସମାଧାନ ଅବଶ୍ୟ ଏଠାରେ ବିଚାର୍ଯ୍ୟ ନୁହେଁ—ଏଇ ଭେଦଟି ଏଠାରେ ବିଚାର କରିବାର ବସ୍ତୁ । ଇଂରେଜୀରେ ଏହାକୁ Subject ଅର୍ଥାତ୍ ଅସ୍ମଦ୍, ଓ Object ଅର୍ଥାତ୍ 'ଯୁଷ୍ମଦ୍' ବା ଅନସ୍ମଦ୍ କୁହାଯାଏ ।

ଏଇ ଅସ୍ମଦ୍ ଉପାଦାନ ବିଶିଷ୍ଟ ବ୍ୟକ୍ତିତ୍ୱର ପରଂପରା ଜ୍ଞାନରେ ସ୍ଥାୟୀ । ବିରାଡ଼ି କାଲି ଦୁଧ ଖାଇଥିଲେ, ତାକୁ ଆଜି ଦଣ୍ଡ ଦେବାର ଅର୍ଥ କିଛି ନାହିଁ । ବିରାଡ଼ିର ବ୍ୟକ୍ତିତ୍ୱରେ ସେ ଅସ୍ମଦ୍ ଉପାଦାନ ସ୍ପଷ୍ଟ ନାହିଁ । ମାତ୍ର ଶୈଶବର ସ୍ମୃତି ଓ ପ୍ରଭାବ ବୃଦ୍ଧର ବ୍ୟକ୍ତିତ୍ୱରେ ସୁନ୍ଦର ଅନୁସନ୍ଧାନ କରାଯାଇ ପାରେ । ପରଂପରାରେ ଏଇ ସ୍ଥାୟିତ୍ୱ ପ୍ରତ୍ୟଗାତ୍ମା ବା ମାନବାତ୍ମାର ଲକ୍ଷଣ ଓ ସଂକେତ । ସମାଜ ତଥା ସାହିତ୍ୟର ବିକାଶରେ ପରଂପରାର ଏଇ ସ୍ଥାୟିତ୍ୱହିଁ ଏକାନ୍ତ ଲକ୍ଷଣ କହିଲେ ଚଳେ । ଏ ସ୍ଥାୟିତ୍ୱର ବିନାଶ କଳ୍ପନାରେ ନାହିଁ । ସେଥିପାଇଁ ମାନବ ବ୍ୟକ୍ତିତ୍ୱର ପରଲୋକ । ସମାଜ ତଥା ସାହିତ୍ୟର ଏଇ ପରଲୋକ ମଧ୍ୟ ଅଛି । ମାତ୍ର ତାହା ମାନବର କାମ୍ୟ ନୁହେଁ—ମାନବ ପକ୍ଷରେ ତାହା ଅସହ୍ୟ । ଏହାର ଫଳେ ମାନବର ବ୍ୟକ୍ତିତ୍ୱ ସମାଜରେ ଅମ୍ଳାନ ଓ ସମୃଦ୍ଧ ମାନବିକ ଉନ୍ନତିର ଏହାହିଁ ଆଧାର । ଜନ୍ତୁ ଜଗତରେ ଭୂତ

Digitized by srujanika@gmail.com

ସଂଘର୍ଷର ସ୍ଥାୟିତ୍ୱ ପାଇଁ ପ୍ରକୃତିର ନିୟତ ବୃତ୍ତରେ ସନ୍ତାନର ପରଂପରା । ମାତ୍ର ମାନବ ଏଇ ସମାଜ ତଥା ସାହିତ୍ୟରେ ନିଜର ସଂଚିତ ପରଂପରାର ବିକାଶ କଳ୍ପନା କରେ । କିନ୍ତୁ ପରଂପରାର ପୁଣି ଉପଯୋଗିତା ଏଇଠାରେ । ଏଇ ସମାଜ ବା ସାହିତ୍ୟ ବ୍ୟକ୍ତିତ୍ୱରେ ଅଛି ଆଦିଦେବ ବରୁଣ ଋତ ବା ବିଶ୍ୱନିୟମର ପ୍ରତୀକ, ପୁଣି ନିତ୍ୟ ବା ପାପପୁଣ୍ୟ ମାପର ଅଧିକାରୀ ; ଏଇଥିରେହି ଭୀଷଣ ରୁଦ୍ର, ମଙ୍ଗଳମୟ ଶିବ ବା ଶଂକର ; ଶ୍ରେଷ୍ଠ ଦେବ ଇନ୍ଦ୍ର ରାକ୍ଷସ ସର୍ପ ଅନ୍ଧାର ଓ ଦୁର୍ଦ୍ଦିନର ଅନ୍ତକ । ଏଥିରେହି ବ୍ୟାସ ବଶିଷ୍ଠ ଅଛି କୁଳୀନ ପୁଣି ମନୁ କୁଳପ୍ରବର୍ତ୍ତକ । ଏଥିରେହି ଅଷ୍ଟଦିଗ୍‌ପାଳ ମାତ୍ରାରେ ନିର୍ମିତ ନୃପ ଥିଲେ 'ମହତୀ ଦେବତା' । ଏଥିରେହି ଆଭିଜାତ୍ୟର ଅହଂକାର ପୀଠରେ ବିଶ୍ୱ ପ୍ରଭାବର ପୁରୋଦୃଷ୍ଟି । ଅହିଂସାଠାରୁ ଖିଦଡ଼ ପର୍ଯ୍ୟନ୍ତ ମଧ୍ୟ ସବୁ ଏହି ସ୍ଥାୟୀ ପରଂପରା ଓ ତଦନୁଗତ ପୁରୋଦୃଷ୍ଟିର ସ୍ପଷ୍ଟ ସଂକେତ । ଏହି ପରଂପରା ପୀଠରେ ପୁରୋଦୃଷ୍ଟି ରଖି ପୁଣି ଚିର ଦାରିଦ୍ରୀକୃତ ଉତ୍କଳ ଅଛି ସ୍ୱତନ୍ତ୍ର ପ୍ରଦେଶ । ଉତ୍କଳ ସାହିତ୍ୟର ଏହି ପାରଂପରିକ ମୂର୍ତ୍ତି ଅଛି ସେହି ପୁଣ୍ୟ ପୀଠ ଉପରେ ସେହି ଦୃଷ୍ଟିର ଗୁରୁହାସ ଧରି ଜାଗ୍ରତ ଗୌରୀ ରୂପରେ ପ୍ରତିଷ୍ଠିତ । ତା ନ ହେଲେ, ଏ ସାହିତ୍ୟ ସମାଜର ଅର୍ଥ ବା ମୂଲ୍ୟ ନାହିଁ । ପରଂପରାରେ ଦୃଢ଼ରୂପେ ଠିଆ ହୋଇ ଭବିଷ୍ୟତର ଉପଯୋଗିତାକୁ ଦୃଷ୍ଟି ନ ଦେଲେ ଉତ୍କଳ ସାହିତ୍ୟର ପରଲୋକ ହେବ । ତାର ଅମର ଆତ୍ମା ପରଲୋକରେ ଅମରତ୍ୱ ପାଇ ପାରେ, ମାତ୍ର ଇହଲୋକରେ ଉପଯୋଗିତା ହରାଇ ନଷ୍ଟ ହେବ ।

ସମାଜ ତଥା ସାହିତ୍ୟର ଏପରି ପରଲୋକ କାମ୍ୟ ନ ହେଲେହେଁ, ନ ହୁଏ, ନୁହେ । ଏବର ପାଶ୍ଚାତ୍ୟ ସମାଜ ଓ

Digitized by srujanika@gmail.com

ସାହିତ୍ୟରେ ସେକାଳ ଗ୍ରୀସ ରୋମଙ୍କର ଠିକ୍ ପରଲୋକଲୀଳା ଅଛି କି ନା ତା କହିବା ଦୁଷ୍କର । ତାକୁ ଇହ ପରଂପରା ମଧ୍ୟ କୁହାଯାଇ ପାରେ, ଓ କୁହାଯାଏ । ମାତ୍ର ସିଂଧୁ, ସୁମେର, ମିଶର ପ୍ରଭୃତିଙ୍କ ଆତ୍ମା ଯେ ଆଜି ପୃଥିବୀର ସମସ୍ତ ସଭ୍ୟ ଦେଶରେ ପରଲୋକ ଲୀଳା ପ୍ରକାଶ କରୁଛି, ଏହା ସତ୍ୟ ଓ ସାବ୍ୟସ୍ତ । ପିତୃକୁଳରେ ପ୍ରତିଷ୍ଠିତ ଆର୍ଯ୍ୟମାନଙ୍କ ମଧ୍ୟରେ ଏବର ଏସିଆ ମାଇନରରେ ସେକାଳେ 'ମା'ଙ୍କର ପ୍ରତିଷ୍ଠା, ଖ୍ରୀଷ୍ଟ ଧର୍ମରେ ତ୍ୟାଗ ଓ ସହିଷ୍ଣୁତା, ମୁସଲମାନ ଧର୍ମରେ ଉପବାସ ପ୍ରଭୃତି ଖୋଳି ଦେଖିଲେ ସେଇ ପରଲୋକଗତ ସମାଜ ଓ ସାହିତ୍ୟର ସଂକେତ ଓ ନିଦର୍ଶନ ମିଳିବ ।

ଏଇ ଭାରତରେ ମଧ୍ୟ ଆର୍ଯ୍ୟ ସଭ୍ୟତା ଓ ସାହିତ୍ୟର ବିଗ୍ରହରେ ପୁଣ୍ୟ ପୁରାଣ ଭାରତର ଆତ୍ମା ହୁଏତ ଆଜି ସ୍ପଷ୍ଟ ସ୍ୱାତନ୍ତ୍ର୍ୟ ହରାଇଛି । ମାତ୍ର ବୌଦ୍ଧର ଶୂନ୍ୟବାଦ, ଜୈନର ଅହିଂସା, କପିଳଙ୍କ ସାଂଖ୍ୟ, ଶଂକରଙ୍କ କର୍ମ ତ୍ୟାଗରେ ବେଦାନ୍ତ ସାଧନା, ପବନ ଯୋଗସାଧନର ପ୍ରତିପତ୍ତି ମଧ୍ୟରେ ହଠଯୋଗର କୁମ୍ଭକ, ଦେବୀ ଧର୍ମ ତଥା ଯୌନ ସାଧନାର ତନ୍ତ୍ର, ବରୁଣ ପୂଜା, ମହାଦେବ, କେରଳ ଜ୍ୟୋତିଷ ଓ ବୟନ କଳା, ସଙ୍ଗୀତ ଓ ଦେବଦାସୀ ପ୍ରଭୃତିରେ କେଉଁ ସମାଜର ଆତ୍ମା ଆଜି ପ୍ରକାଶ ପାଉଛି, ତାହା ଦେଖିଲେ ପ୍ରାଗ୍‌ବୈଦିକ ପ୍ରାଚୀନ ଭାରତର ପ୍ରତିଷ୍ଠିତ ପରଂପରା ପଦେ ପଦେ ପ୍ରକଟିତ ହୁଏ । ସେହିଥିପାଇଁ ଭାରତ ଆଜି ଭାରତ । ଆଜି ପୃଥିବୀର ମାନବ ସଭ୍ୟତାକୁ ଭାରତ ଯେ ନିଜର ସ୍ୱଧର୍ମରେ ଉପାଦାନ ଦାନ କରିବାର ଆକାଂକ୍ଷା ଓ ଅଭିଳାଷରେ ଜାଗ୍ରତ, ତାହାର ପୀଠ ଓ ପ୍ରତିଷ୍ଠା ଏହିଠାରେ ।

ଜୀବନ୍ତ ପ୍ରାଚୀନତାରେ ପରଂପରାର ଉପଯୋଗିତା ବଢ଼େ ଓ ଦୃଢ଼ ହୁଏ । ଭବିଷ୍ୟତ ଏଥିରେହିଁ ପ୍ରତିଷ୍ଠିତ ହୁଏ । ବ୍ୟକ୍ତିତ୍ୱର

Digitized by srujanika@gmail.com

ଏହାହି ଧର୍ମ । ଓଡ଼ିଆ ସାହିତ୍ୟର ଆଲୋଚନାରେ ଏହି ବ୍ୟକ୍ତିତ୍ୱ ଧର୍ମ ବିଚାର କରିବା ଦରକାର । ଏହି ବ୍ୟକ୍ତିତ୍ୱ ଧର୍ମରେ ଓଡ଼ିଆ ସମାଜ ଓ ସାହିତ୍ୟ ପୁଣି ଭାରତ ତଥା ମାନବ ସମାଜର ପ୍ରଗତିରେ କି ଉପାଦାନ ଦାନ କରିଛି ଓ କରିପାରେ ତାର ସୂଚନା ପ୍ରାଣରେ ପ୍ରେରଣାର ପୀଠ ନ ପକାଇଲେ, ଏହି ହିସାବରେ ଓଡ଼ିଆ ସାହିତ୍ୟର ଉପଯୋଗିତା ନ ଦେଖିଲେ, ଏ ଉତ୍କଳ ସାହିତ୍ୟ ସମାଜ ନିଜର ଆତ୍ମବିକାଶ ଧର୍ମରେ ଉପେକ୍ଷ୍ୟ ଓ ଉପାସ୍ୟ ସ୍ଥିର କରି ନ ପାରି, କେବଳ ଦିନାକେତେ ସମସ୍ତ ସେବାରେ ଲାଗି କିଂବା ପରକୁ ଦେଖି ଈର୍ଷା ଓ ଅସୂୟାରେ ବ୍ୟାକୁଳ ବେଦନ କରି କରି, ହୁଏତ ନିର୍ବାଚନ ଶକ୍ତିହୀନ ହୋଇ ଅନୁକରଣରେ ବିଡ଼ମ୍ବନାର ଅଜୀର୍ଣ୍ଣରେ ସଡ଼ି ସଡ଼ି ଇହଲୀଳା ସାଂଗ କରିବ ।

ଏକଥା—ଏ ନିରାଶାର ସୂଚନା—ଯୁକ୍ତି ଛଳରେ ମଧ୍ୟ ଦେବାର ନୁହେଁ । ମାତ୍ର ପରିସ୍ଥିତିର ତାଡ଼ନାରେ ବେଳେବେଳେ ଅସହ୍ୟ ଔଷଧ ପରି କଟୂକ୍ତି ମଧ୍ୟ ସ୍ୱାସ୍ଥ୍ୟକର । ସେ ପରିସ୍ଥିତି ଫେଡ଼ି ଅର୍ଥ କରିବା ଦରକାର ନାହିଁ । ଏ ବ୍ୟଞ୍ଜନାର ବର୍ଣ୍ଣନା ସ୍ପୃହଣୀୟ ବା ଶ୍ଳାଘ୍ୟ ନୁହେ । ପୁଣି ଆତ୍ମବିଶ୍ୱାସରେ ଜୀବିତ ଏହି ସମାଜର ପ୍ରତିଷ୍ଠାତା ଓ ଉଦ୍ୟୋକ୍ତାମାନଙ୍କ ଆଗେ ଏସବୁ କଥା ବାଢ଼ିବାର ନୁହେ ।

ଏହି ସମ୍ପର୍କରେ ଓଡ଼ିଆ ସାହିତ୍ୟର ପରଂପରା ଓ ତାହାର ଉପଯୋଗିତା କିଂତୁ ଦେଖିବାର କଥା । ଏ ଧାରଣା ଦୃଢ଼ ହେଲେ ଭବିଷ୍ୟତ ନିର୍ଦ୍ଦିଷ୍ଟ ହେବ ଓ କର୍ମର ପ୍ରବାହ ଫିଟିବ । ସମସ୍ତେ ନିଜ ନିଜର ସାହିତ୍ୟ କହୁଛନ୍ତି, ଅତଏବ ଆମକୁ କହିବାକୁ ହେବ ; ତାଙ୍କର ଖଣ୍ଡେ ସାହିତ୍ୟର ଇତିହାସ ଲେଖା ହେଲାଣି, ଆମର ଖଣ୍ଡେ ଲେଖିବା ; ବଂଗାଳୀମାନେ କୋଣାର୍କକୁ ବଂଗାଳୀଶିଳ୍ପ

Digitized by srujanika@gmail.com

ବୋଲି କହିଲେଣି, ଆମେ ଗୁହଁ, କଲିକତା କାଳୀମନ୍ଦିର ତଥା ସହଜିଆ ଧର୍ମକୁ ଆମର ବୋଲି କହିବା; ଚୈତନ୍ୟ ଓ ଜୟଦେବଙ୍କୁ ବଂଗାଳୀ ନିଜର କରି ନେଉଛନ୍ତି, ଆମର ତାଙ୍କୁ ମାରି ଆଣିବା ; ଅନ୍ୟମାନେ ରେକର୍ଡ଼ରେ ନିଜର ଐତିହାସିକ ନାଟକ ଦେଉଛନ୍ତି, ଆମର ନୀଳାଚଳ ବୋଲି ଖଣ୍ଡେ ଲେଖି ଭର୍ତ୍ତି କରିଦେବା —ଏସବୁ ଇଂରେଜ ସରକାରଙ୍କ ପାଖେ ଗୁହାରି ମାଗିବା ବୁଦ୍ଧି ଓ ମନୋବୃତ୍ତିରେ ସାହିତ୍ୟ ଫୁଟିବ ନାହିଁ, ସମାଜର ବିକାଶରେ ଶ୍ରୀବୃଦ୍ଧି ହେବ ନାହିଁ । ପରଂପରାର ପ୍ରତିଷ୍ଠା ଓ ନେଥିରେ ପୂର୍ବଦୃଷ୍ଟିର ପ୍ରସାର ଦରକାର ।

ଓଡ଼ିଆ ସାହିତ୍ୟର ଏ ପରଂପରା କଅଣ ? ବିଟନ୍ଣପଣରେ ଦେଖିବା ପୂର୍ବରୁ ମନେ ରଖିବାର ଅଛି ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଏହାର ସଂକେତ ରହିଛି । ସେଥିପାଇଁ ସିଂହଭୂମି ପ୍ରଭୃତିର ଓଡ଼ିଆ ଆଜି ସନ୍ତୃପ୍ତ ପ୍ରାଣରେ ଓଡ଼ିଶାକୁ ଆସିବାକୁ ପ୍ରୟାସ ଓ ଉଦ୍ୟମ ଧରି ବସିଛନ୍ତି । ସେଥିପାଇଁ ଦକ୍ଷିଣ ଓଡ଼ିଶାର ଓଡ଼ିଆମାନେ ଅଧିକ ସୁଖଦାୟକ ଧନୀ ମାନ୍ଦ୍ରାଜ ସରକାରକୁ ଉପେକ୍ଷା କରି ପୁରୁଷାଧିକ- ବ୍ୟାପୀ ଘୋର ଉଦ୍ୟମ ଫଳରେ ଆଜି ଓଡ଼ିଶାକୁ ଆସି କ୍ଷୁଦ୍ର ଓ ଦରିଦ୍ର ହେଲେହେଁ ନିଜର ସ୍ୱତନ୍ତ୍ର ଓଡ଼ିଶା ଗଢ଼ି ତହିଁରେ ସ୍ଥାନ ପାଇଛନ୍ତି । ଚୈତନ୍ୟ ଓ ଜୟଦେବଙ୍କ ଓଡ଼ିଆତ୍ୱ ଅସ୍ୱୀକୃତ ହେଲେ ସେଥିପାଇଁ ଆଜି ଓଡ଼ିଆକୁ ବାଧେ । ଭୁବନେଶ୍ୱର କୋଣାର୍କ ଖିଚିଙ୍ଗ୍ ସେଇଥିପାଇଁ ଆଜି ଓଡ଼ିଆ ପ୍ରାଣରେ ସ୍ପନ୍ଦନ ଉଠାଏ । ଖାରବେଳର ଇତିହାସ ସେଇଥିପାଇଁ ଓଡ଼ିଆର ସ୍ମୃତିକୁ ଜୀବନ୍ତ ଓ ସରସ କରେ । ସେଇଥିପାଇଁ ଗ୍ରାମର ଭାଗବତ ମନ୍ଦିରରେ ଓଡ଼ିଆ ନିଜତ୍ୱ ଦେଖି ତାର ଆଦର କରେ । ସେଇଥିପାଇଁ ପ୍ରାଣ ପ୍ରାୟଶ୍ଚିତ କରି ଅତି ଦୁର୍ଦ୍ଦିନରେ ମଧ୍ୟ ଓଡ଼ିଆମାନେ ଏହି ଉତ୍କଳ

Digitized by srujanika@gmail.com

ସାହିତ୍ୟ ସମାଜର କଳ୍ପନା କରିଥିଲେ । ପ୍ରାଣର ସେହି ପୁଣ୍ୟ ସଂକେତରେ ପୁଣି ଆଜି ଓଡ଼ିଆମାନେ ଏହି ସମାଜର ଜୀବନ ସଂଗେ ଜାଗରଣର ବାଞ୍ଛା କରନ୍ତି ।

ମାତ୍ର ଏତିକି ଯଥେଷ୍ଟ ନୁହେଁ । ନିଜକୁ କ୍ଷୁଦ୍ର ଦେଖି ସେ କ୍ଷୁଦ୍ରତାରେ ଅଜ୍ଞାତ ଭାବରେ ପ୍ରଭାବିତ ହୋଇ, ଓଡ଼ିଆର ଏବେ ମଧ୍ୟ ଗୌଣତ୍ୱ ମନୋବୃତ୍ତି ଯେ ପ୍ରକାଶ ପାଏ, ତାହା ଅସ୍ୱୀକାର କରିବାର ନୁହେଁ । ଏଥିରେ ଦୃଷ୍ଟିର ଦିଗ୍‌ବଳୟ ସଂକୁଚିତ ହୁଏ, ଶ୍ରଦ୍ଧା ବା ବିଶ୍ୱାସ ତୁଟିଯାଏ, ଓ ବଳିଷ୍ଠ ଆତ୍ମପ୍ରତ୍ୟୟ ହରାଇ ଅଯଥା ଅନୁକରଣର ବିଡ଼ମ୍ବନାକୁ ଶ୍ରୀବୃଦ୍ଧି ମଣି ସମାଜ ନିଜତ୍ୱ ବା ବ୍ୟକ୍ତିତ୍ୱ ହରାଇ ଶେଷରେ ଇହଲୋକ ଛାଡ଼େ । ଆଦି ସଭ୍ୟତାର ବିରାଟ ପୀଠ ସୁମେର ଆଜି କାହିଁ ? ସିଂଧୁର ମହାଦେବ ଆଜି ଯଥାର୍ଥରେ ଶ୍ମଶାନବାସୀ ଦିଗମ୍ବର । ମାନବ ସଭ୍ୟତାରେ ସାମ୍ୟ-ମୈତ୍ରୀର ଯଥାର୍ଥ ଅଭ୍ୟାସ ପୀଠ ଜଗନ୍ନାଥର ଅଧିକାରୀ ଶବରଙ୍କୁ ଆଜି କେଉଁଠାରେ ଖୋଜିବାକୁ ହେବ । ମିଶରଦେଶ ଓ ଇଷ୍ଟରଦ୍ୱୀପ ପ୍ରଭୃତିର ବିରାଟ ସ୍ତୁପତଳକୁ ଆଜି ମୋର ବୋଲିବାକୁ ସେ ଦେଶରେ କେହି ନାହାନ୍ତି । ପ୍ରାଚୀନ ପିରୁରେ ସଭ୍ୟତାର ଯେଉଁ ମହାଶ୍ମଶାନ ପଡ଼ିଛି, ତହିଁରେ ଆଜି ଅସ୍ଥି ସଂଚୟ କରି ଶ୍ରାଦ୍ଧ କରିବାକୁ ମଧ୍ୟ ଉତ୍ତରବଂଶ ମିଳୁନାହାନ୍ତି । ସେ ସବୁଠାରେ ସେ ମାନବ ବଂଶ ରହି ନାହାନ୍ତି । ଆତ୍ମଗ୍ଲାନି ଓ ଗୌଣ ମାନସିକତାରେ ପଡ଼ି ଧ୍ୱଂସ ଓ ଚିରକାଳ ପାଇଁ ବିଲୀନ ହୋଇ-ଛନ୍ତି । ବଂଶଧରମାନେ ଖାଲି ଖାଇ ପିଇ ବଂଚି ରହିଲେ ମାନବ ବଢେ ନାହିଁ । ଭୋଗ ସମାନ କରି ବାଂଟି ଦେଲେ ମାନବ ସମାନ ହୁଏ ନାହିଁ । ଗୋରୁ କେଉଁକାଳେ ବଣରୁ ଆସି ପୋଷା ହୋଇ-ଥିଲେ ? ତାଙ୍କ ବଂଶଧର ଅଛନ୍ତି ; ମାନବ ତାଙ୍କ ପାଳନ ପୋଷଣ

Digitized by srujanika@gmail.com

ପାଇଁ ଆଜି ଗୋସମ୍ମିଳନୀ ମଧ୍ୟ କରୁଛନ୍ତି, ପ୍ରଦର୍ଶନୀ ମଧ୍ୟ ହେଉଛି। ମାତ୍ର ସମାଜ ସାହିତ୍ୟରେ ସେ ଜୀବନ୍ତ ନୁହନ୍ତି। ବରଂ ତାଙ୍କର ପାଳନ ପୋଷଣର ପରଂପରା ମାନବ ସାହିତ୍ୟର ପରଂପରା— ବୁଦ୍ଧିମନ୍ତ ପୋଷକ ଓ ପାଳକର ପରଂପରା। ଗୌଣତ୍ୱର ମନୋବୃତ୍ତି ଗ୍ରାସ କଲେ, ଅନ୍ୟର ଜୀବନ ବିକାଶ ଦେଖି ଈର୍ଷାରେ ଆମର ଅନ୍ତର ବୋଲି ଛଟପଟ ହେଲେ, ରୋଗର ଉପଶମ ହୁଏ ନାହିଁ। ସମାଜ ଜୀବନରେ ଏହା ବରଂ ସାଂନପାତିକ ବିକାରର, ଲକ୍ଷଣ। ସେଥିରେ ବିକଳରେ ଯାହା ତାହା ପେଟରେ ପୁରାଇବାକୁ ମନ ହୁଏ, ଜୀର୍ଣ୍ଣ ହୁଏ ନାହିଁ। ସେଥିପାଇଁ ଆଦୌ ସ୍ୱାସ୍ଥ୍ୟ ଦରକାର, ସେଇ ସ୍ୱାସ୍ଥ୍ୟର ଯଥାର୍ଥ ଆତ୍ମପ୍ରତ୍ୟୟରେ ଆଗକୁ ପଛକୁ ଚାହିଁ ଆହାର୍ଯ୍ୟ ଖୋଜିବାକୁ ହୁଏ। ବଳିଷ୍ଠ ଆତ୍ମସ୍ଥିତିରେ ଅଖଣ୍ଡ ବିଶ୍ୱାସ ଏଇ ସ୍ୱାସ୍ଥ୍ୟର ଲକ୍ଷଣ। ଏ ସ୍ୱାସ୍ଥ୍ୟ ଆଣିବାକୁ ହେବ। ଯଥାର୍ଥ ପରଂପରାରେ ବିଶ୍ୱାସ ଜାଗ୍ରତ କରିବାକୁ ହେବ। ଉପଯୋଗିତା ବୁଦ୍ଧି ସେଥିରେ ପ୍ରତ୍ୟୟବାନ୍ ହେବାକୁ ହେବ। ଅପରପକ୍ଷର ଅଯଥା ଅନୁକରଣର ବିଡ଼ମ୍ବନା, ଓ ଅଳ୍ପରେ ପାଇଯିବାର କ୍ଷୁଦ୍ରତା ପରିହାର ଓ ବାରଣ କରିବାକୁ ହେବ।

ଓଡ଼ିଆର ଏଇ ପରଂପରା ଓ ତାର ଉପଯୋଗିତାର ଭିତ୍ତି କଣ, ଟିକିଏ ସୂଚନାରେ ଦେଖାଯାଉ। ଭାରତର ସଭ୍ୟତାକୁ ଆର୍ଯ୍ୟ ସଭ୍ୟତା କୁହାଯାଏ। ମାତ୍ର ଯଥାର୍ଥରେ ଏହା ଆର୍ଯ୍ୟ ସଭ୍ୟତା ନୁହେ। ଇଂରେଜ ପ୍ରଭୃତି ବିଜେତାଙ୍କ ପରି କେତେକ ଆର୍ଯ୍ୟ ବିଜେତାରୂପେ ଏ ଦେଶରେ ପଶିଥିଲେ, ଓ ନିଜର ନାମରେ ସଭ୍ୟତାକୁ ନାମିତ କରିବାକୁ ସମର୍ଥ ହୋଇଥିଲେ। ସେମାନେ ଭାରତର ବହୁ ସ୍ଥଳରେ ମଧ୍ୟ ନିଜର ଭାଷାର ଗନ୍ଧ ଓ ଛାପ ପକାଇ ଦେଇଛନ୍ତି। କିନ୍ତୁ ସଭ୍ୟତାର ନାମ ଗଲେ, ଓ ଭାଷାର ରୂପ ଗଲେ

Digitized by srujanika@gmail.com

ଯେଉଁ ପ୍ରାଣ ଅଛି, ତାହା ସେତେ ଆର୍ଯ୍ୟ ନୁହେ । ବରଂ ଏହାକୁ ଭାରତୀୟ ବୋଲିବାହିଁ ସାଧୁ । ଏଇ ପୂର୍ଣ୍ଣ ପୁରାଣ ଭାରତୀୟ ସଭ୍ୟତା ଏବେ ପୂର୍ଣ୍ଣ ବ୍ୟକ୍ତିତ୍ୱରେ ଓଡ଼ିଆର ସମାଜ ସଭ୍ୟତା ଓ ସାହିତ୍ୟରେ ଦେଖିବାକୁ ମିଳେ ।

'ନାମେ ଭକ୍ତି ଜୀବେ ଦୟା'—କଥାଟି ଓଡ଼ିଆ ସାହିତ୍ୟର ପ୍ରାଣ କହିଲେ ଚଳେ । ଏହା ବୈଷ୍ଣବ ସାହିତ୍ୟରେ ମିଳେ । ଚୈତନ୍ୟ ପ୍ରଭୁଙ୍କ ଧର୍ମ ନାମରେ ଏହାର ପ୍ରଚାର । ମାତ୍ର ଏ ମହାଭାରତୀୟ ତତ୍ତ୍ୱର ଏକମାତ୍ର ଉତ୍ତରାଧିକାରୀ ଏବେ ଓଡ଼ିଆ, ଆଉ କେହି ନୁହନ୍ତି । କେବେ କେଉଁ ଯୁଗରେ ଏହା ଭାରତୀୟ ସାହିତ୍ୟରେ ଫୁଟିଥିଲା, ଏବେ କିନ୍ତୁ ଓଡ଼ିଆ ଛଡ଼ା ଆଉ କେହି ଏହାକୁ ଏହାର ମୌଳିକ ବ୍ୟକ୍ତିତ୍ୱରେ ରଖି ନାହାନ୍ତି । ନାମ କଥାଟି ବୈଦିକ ନୁହେ । ବୈଷ୍ଣବର ଦ୍ୱୈତବାଦରେ ଏହା ଗୋଟିଏ ଆରୋପ । ଯହିଁରେ ବ୍ରହ୍ମ ଓ ଜୀବ ଦୁହେଁ ସତ୍ୟ, ସେଥିରେ 'ନାମେ ଭକ୍ତି'ର ଅର୍ଥ ନାହିଁ । ପୁଣି 'ଜୀବେ ଦୟା' କଥାଟିରେ ଜୀବ ବୋଇଲେ ଦ୍ୱୈତବାଦର ପ୍ରତ୍ୟଗାତ୍ମା ବା ମାନବର ଆତ୍ମା ନୁହେ । ଲୋକ ଧର୍ମରେ ଯାହା ଥିଲା, ତାକୁ ବୈଷ୍ଣବ ଧର୍ମରେ ମିଶାଇ, ଲୋକଙ୍କୁ ପ୍ରଭାବିତ କରିବା ଉଦ୍ୟମରେ ଏଇ ଦଉଟି ଲୋକଭାଷାର ସଙ୍କେତ ବୈଷ୍ଣବ ଧର୍ମ ଗ୍ରହଣ କରିଛନ୍ତି ମାତ୍ର ।

ଯଥାର୍ଥ ପ୍ରାଗ୍‌ବୈଦିକ ଭାରତ ଦର୍ଶନରେ ଶୂନ୍ୟରୁ ସୃଷ୍ଟି ଓ ଶୂନ୍ୟରେ ନିର୍ବାଣହିଁ ଶେଷ—ଏହାହିଁ ଫୁଟିଥିଲା । ଏଥିରେ କର୍ମହିଁ ବନ୍ଧନ ଓ ସେଥିରେହିଁ ସଂସାର ବା ପୁନର୍ଜନ୍ମର ପରଂପରା । ଶୂନ୍ୟର ସାଧନାରେ ତେଣୁ କର୍ମ ତ୍ୟାଗରେ ଯୋଗ । ପ୍ରକୃତିର ପୁଷ୍କଳ ଦାନରେ ଜୀବନ ଯାହାର ସ୍ୱଚ୍ଛନ୍ଦ ସେବ୍ୟ, ତାହାର ସମାଜ

Digitized by srujanika@gmail.com

ବିକାଶରେ ଏହାହି ପରିଣତ ହେବାର କଥା, ହୋଇଥିଲା।
ବୌଦ୍ଧ ଓ ଜୈନ ଦର୍ଶନର ମୌଳିକ ଧାରା ଫେଡ଼ି ଦେଖିଲେ, ଦେଖାଯାଏ, ସେଥିରେ ଏହି ଭାରତ ସାହିତ୍ୟହି ସ୍ପଷ୍ଟ ବେଶ ପ୍ରକାଶ ପାଇଥିଲା।

ଆର୍ଯ୍ୟଙ୍କ ଅବିମିଶ୍ର ମୌଳିକ ସାହିତ୍ୟ ଏଥିରୁ ଭିନ୍ନ। ସେଥିରେ ବିଶ୍ୱ ଶୂନ୍ୟ ନୁହେ, ପୂର୍ଣ୍ଣ। ଇନ୍ଦ୍ରାଦିର ଉପାସନା, ତାହାର ନିଦର୍ଶନ। କର୍ମହି ଜୀବନର ସାଧନା ଓ ସ୍ୱର୍ଗାଦି ପରଲୋକରେ କାମ୍ୟ। ପୁନର୍ଜନ୍ମର ଧାରଣା ଏଥିରେ ନାହିଁ। ପାହାଡ଼, ବରଫ, ଅବର୍ଷଣ, ବନ୍ୟ ମାନବ ଓ ଜନ୍ତୁଙ୍କ ବାଧାବିପତ୍ତି ମଧ୍ୟରେ ଜୀବନ ସଂଗ୍ରାମର ସଂଘର୍ଷରେ ଏହାହି ହେବାର କଥା, ହୋଇଥିଲା। ଅନ୍ୟପକ୍ଷ ସ୍ୱଳ୍ପଦର୍ଶନ ଜନତା ମଧ୍ୟରେ ଭାରତରେ ମାତୃ ପୂଜାର ପ୍ରତିଷ୍ଠା; ପିତୃକୁଳ ପରଂପରାରେ ପ୍ରତିଷ୍ଠିତ ଆର୍ଯ୍ୟଙ୍କ ସାହିତ୍ୟରେ ଏହା ପ୍ରକାଶ ପାଏ ନାହିଁ। ଆଜି କିଂତୁ ବାହାରେ ଦେଖିଲେ, ସବୁ ମିଶି ଯାଇଛି। ସାଂଖ୍ୟର 'ପୁରୁଷ', ତଥା ଅଦ୍ୱୈତ ବେଦାନ୍ତର 'ବ୍ରହ୍ମ'ରେ ଶୂନ୍ୟ ଦେଖିବା ଏବେ ସଂଭବ ଓ ସୁଗମ ହେଲେ ମଧ୍ୟ ସୁକର ନୁହେ। ଏ ଦୁହିଙ୍କର କର୍ମହୀନ ଯୋଗ ସାଧନାରେ ଅନାର୍ଯ୍ୟ କିଛି ଦେଖିବାର ମଧ୍ୟ ଏବେ ସାଧ୍ୟ ନାହିଁ। ଏପରି କି 'ଦେବୀ ଭାଗବତ'ରେ ମଧ୍ୟ ଅବୈଦିକ କିଛି ଅଛି ବୋଲି କହିବାର ଉପାୟ ନାହିଁ। 'ଗୀତା' ସଂଗେ 'ଚଣ୍ଡୀ'ର ସ୍ଥାନ ଏ ଦେଶରେ ସମାନ ହୋଇଛି; ମହିମା ଧର୍ମର ମଧ୍ୟ ବୈଦିକ ଭକ୍ତ ଏବେ ନିଜେ ମହିମାମୟ 'ବିଶ୍ୱନାଥ ବାବା' ପ୍ରତିପାଦନ କରିବାର ସଫଳ ଉଦ୍ୟମ କରିଚନ୍ତି।

ମାତ୍ର ଏଇସବୁ ଭିତରେ ଏବେ ଓଡ଼ିଆ ସାହିତ୍ୟର ଅଭିଜାତ୍ୟ ଅନୁସଂଧାନ କରିବାକୁ ହେବ। ଓଡ଼ିଆ ସାହିତ୍ୟର

Digitized by srujanika@gmail.com

ବର୍ତ୍ତମାନ ପ୍ରଚ୍ଛନ୍ନ ମହିମା ଧର୍ମ । ଚୈତନ୍ୟ କାଳରେ ବୈଷ୍ଣବ ଧର୍ମ ନାମରେ ଏଇ ଧର୍ମ ପ୍ରଚରିତ ହୋଇଥିଲା । ଏହା ଅନେକଙ୍କୁ ହୁଏତ ନୂଆ ଲାଗିବ । କିନ୍ତୁ ଏହା ସତ୍ୟ, ଏଥିରେ କୃଷ୍ଣ କାଳନ୍ଦୀ ପ୍ରଭୃତି ସଂକେତ ମାତ୍ର, ଭକ୍ତ ବୈଷ୍ଣବର ଅବତାର ବା କୃଷ୍ଣ ଲୀଳାର ସ୍ଥାନ ନୁହନ୍ତି । ବସ୍ତୁ ପ୍ରାପ୍ତି ବା ମୁକ୍ତି ଅର୍ଥ ଶୂନ୍ୟ ହେବା । ଏଇ ନିଷ୍କର୍ମ ଶୂନ୍ୟ ସାଧନାର ଯୋଗ ଏଥିରେ ସ୍ପଷ୍ଟ । ଏ ସଂବନ୍ଧରେ ମହିମା ଧର୍ମର ଦର୍ଶନ ଛଡ଼ା ଅନ୍ୟାନ୍ୟ ଅନେକ ଗ୍ରନ୍ଥ ଅଛି । ମାତ୍ର ସେ ସବୁ କେବଳ ସଂକେତରେ କୁହା ଯାଇଛି । ଦୀକ୍ଷିତମାନଙ୍କୁ ଗୁରୁ ଏକା ଏହି ସଂକେତ ତତ୍ତ୍ୱ ଦିଅନ୍ତି । ଅନ୍ୟଥା ଏ ସଂକେତର ଅର୍ଥ ସ୍ପଷ୍ଟ ନୁହେ । ଉଦ୍ଧାର କରି ଦେଖାଇବାର କ୍ଷେତ୍ର ଏ ନୁହେ । ତଥାପି ଚୈତନ୍ୟ ସଖା ବଳରାମ ଦାସ, ବ୍ରହ୍ମାଣ୍ଡ ଭୂଗୋଳର ଆଦିମୂଳ କୃଷ୍ଣଙ୍କ ମୁଖରେ ଆରମ୍ଭ କରିଚନ୍ତି—

ଯେ କାଳେ ନ ଥିଲା ସଂସାର
ନ ଥିଲେ ଚନ୍ଦ୍ର ଦିବାକର
ନ ଥିଲା ଦିବସ ରଜନୀ
ନ ଥିଲା ଭୁବନ ମେଦିନୀ
ଆଦ୍ୟରୁ ନ ଥିଲା ପବନ
ନ ଥିଲେ ଶୂନ୍ୟେ ତାରାଗଣ
ନ ଥିଲେ ଦେବାସୁର ନର
ନ ଥିଲା ସଂସାର ପ୍ରଚାର
ନ ଥିଲା ଜଳ ସ୍ଥଳାନଳ
ନ ଥିଲା ଗଗନ ମଣ୍ଡଳ
ନ ଥିଲେ ବରୁଣ କୁବେର
ନ ଥିଲା ତେଜ ଅନ୍ଧକାର

Digitized by srujanika@gmail.com

ନ ଥିଲେ ବ୍ରହ୍ମା ବିଷ୍ଣୁ ଶିବ
ନ ଥିଲା ବେଦର ସ୍ୱଭାବ
ସେ କାଳେ ଶୂନ୍ୟ ମୋର ରୂପ
ଏମନ୍ତେ ଗଲା କୋଟି କଳ୍ପ
ବ୍ରହ୍ମାଣ୍ଡ ମୋର ଗର୍ଭେ ନେଇ
ରଖିଲି ବ୍ରହ୍ମରୂପ ହୋଇ
ତେହ୍ନୁ ନ ଥିଲେ ହେ ଅର୍ଜୁନ
ବ୍ରହ୍ମାଣ୍ଡ ହୋଇଥିଲା ଶୂନ୍ୟ
ଏମନ୍ତେ କୋଟିକଳ୍ପ ଅନ୍ତେ
ଦୟା ଉପୁଜିଲା ମୋ ଚିତ୍ତେ
ସୃଷ୍ଟି କାରଣେ ବାଂଛା ହେଲା
ମୋ ଅଂଗୁ ବିନ୍ଦୁ ଉଛୁଳିଲା । ଇତ୍ୟାଦି ।

ସେଇ ଗ୍ରନ୍ଥରେ ଭାଗବତର ସଂକେତ ଅର୍ଥ ଲୁହାଯାଇଛି—

ମାତା ପିତାଙ୍କ ରଜ ବୀଜ
ତେଣୁ ହୋଇଲେ ମହାତେଜ
ରଜ ବୀଜକୁ ଭାଗ କଲେ
ଏମନ୍ତେ ଭାଗବତ ହେଲେ ।

ପୁଣି ଅନ୍ୟତ୍ର—

ଶୂନ୍ୟରୁ ବିନ୍ଦୁ ଯେ ଖସିଲା
ଷଡ଼ ପ୍ରକାରେ ସେ ହୋଇଲା
ଷଡ଼ ସଂବାଦ ହୁଏ ଆସି
ମାତା ରଜରେ ଯାଇ ମିଶି
ଭାବରୁ ଯାହା ସେ ସଂଭୂତ
ଏଣୁଟି ନାମ ଭାଗବତ ।

Digitized by srujanika@gmail.com

ଶୂନ୍ୟରୁ ବିନ୍ଦୁ, ବିନ୍ଦୁରୁ ନାଦ ବା ତେଜ, ତେଜରୁ 'ନାମ । ଏଇ ନାମଇ ବ୍ରହ୍ମ ଓ ସୃଷ୍ଟିର ବ୍ୟକ୍ତ । ବଳରାମ କହନ୍ତି—

ଏମନ୍ତେ ମହାଶୂନ୍ୟ ହେଲା
ସେ ଶୂନ୍ୟ ପ୍ରଣବ ହୋଇଲା
ପ୍ରଣବ ଓଁକାରକୁ କହି
ଏକାକ୍ଷରଟି ସେ ଅଟଇ
ଓଁକାର ନାମ ହେଲା ଜାତ
ନାମରୁ ବେଦଟି ସଂଭୂତ
ଓଁକାରୁ ନାମ ଜାତ ହେଲା
ନାମଟି ଶାସ୍ତ୍ର ବୋଲାଇଲା
ବେଦକୁ ଶାସ୍ତ୍ର ବୋଲି କହି
ନାମଟି ଶରୀରେ ବସଇ ।

ପୁଣି ଅନ୍ୟତ୍ର—

ସକଳ ଘଟେ ଲୀଳା ମୋର
ମୁଁ ଥାଇ ସକଳ ଶରୀର
ଘଟରେ ଲୀଳା କରୁଥାଇ
ଘଟ ଛାଡ଼ିଲେ ଶୂନ୍ୟେ ଯାଇ
ଘଟରୁ ପ୍ରାଣ ଛାଡ଼ି ଯାଇ
ତାହାକୁ କେହି ନ ଦେଖଇ
ଜୀବ ଯେ ଶୂନ୍ୟେ ଚଳିଗଲା
ଦେବ ମନୁଷ୍ୟ ନ ଦେଖିଲା ।

ଏଇପରି ଏଇ ମାନବର ବିକାଶତତ୍ତ୍ୱ ଓ ସେଇ ଶୂନ୍ୟର ସାଧନା ଯୋଗରେ ନିର୍ବାଣ ସଂବନ୍ଧରେ ସଂକେତ କରି ଏ ଓଡ଼ିଶାରେ କେତେ ସିଦ୍ଧ ସାଧକ ଗ୍ରନ୍ଥମାନ ଲେଖିଚନ୍ତି ତାର

Digitized by srujanika@gmail.com

ସୀମା ନାହିଁ । ଏଇ ସଂକେତ ଲେଖା ସବୁ ଉଦାହରଣରେ ବୁଝାଇବା ସ୍ଥାନ ଏ ନୁହେ । ଗୋଟିଏ ମାତ୍ର ସାଧାରଣ ମାଳିକା ବଚନ ସମସ୍ତେ ପ୍ରାୟ ଜାଣନ୍ତି—

ତରଙ୍କ ଥିବୁ ୧୩କୁ
୧୪।'୫ରେ କେହି ନ ରହିବେ
ସତ ଉପୁଜିବ ସତରଙ୍କୁ
୧୮।୧୯ ସରୁ ସରୁ
ଥୋକାଏ ରହିବେ ମରୁ ମରୁ
୨୦ ରେ ଯାଇ ଘର କରୁ ।

ଏହା ସଂକେତରେ ଯୋଗ ସାଧନ ତତ୍ତ୍ୱ । ଏହାର ଅର୍ଥ, ୧୩କୁ ବା ୩, ୧ରେ ରହିବାକୁ ସାଧନାରେ ଅପେକ୍ଷା କରିଥିବୁ । ୩, ଅର୍ଥାତ୍, ଇଡ଼ା ପିଙ୍ଗଳା ସୁଷୁମ୍ନା ତିନି ନାଡ଼ୀ, ୧ ବା ତ୍ରିକୂଟରେ ଏକ ହେବା । ୧୪, ଅର୍ଥାତ୍, ମୁଖ ନାସା ଚକ୍ଷୁ କର୍ଣ୍ଣ—ଏଇ ସପ୍ତଦ୍ୱାର, ୧ ଅର୍ଥାତ୍, ତ୍ରିକୂଟରେ ସ୍ଥିର ହେବା । ପୁଣି, ୫ ଅର୍ଥାତ୍, ୫ ପ୍ରାଣ ତ୍ରିକୂଟରେ ଏକ ହେବା । ଏହା ହେଲେ କେହି ରହିବେ ନାହିଁ । ଅର୍ଥାତ୍, ବାହ୍ୟଜ୍ଞାନ ଶୂନ୍ୟ ହେବ । ୧୭, ଅର୍ଥାତ୍ ପଞ୍ଚ ଇନ୍ଦ୍ରିୟ, ମନ ଓ ପ୍ରାଣ, ତ୍ରିକୂଟରେ ଏକ ହେଲେ, ସତ ଉପୁଜିବ । ଅର୍ଥାତ୍, ନିର୍ବାଣର ପନ୍ଥା ଦେଖାଯିବ । ତଥାପି, ୧୮।୧୯ ସରୁ ସରୁ, ୮ ଅଙ୍ଗ ଓ ନବ ଦ୍ୱାରର କ୍ରିୟା ତ୍ରିକୂଟ ସାଧନାରେ ଲୀନ ହେବା ଅବସ୍ଥାରେ, ସର୍ବ ନିର୍ବାଣ ହୋଇ ନ ଥିବ । ୨୦, ଅର୍ଥାତ୍ ଜୀବାତ୍ମା, ପରମାତ୍ମା ଦୁହେଁ ଶୂନ୍ୟ ହୋଇଗଲେ, ଉଦ୍ଦେଶ୍ୟ ସିଦ୍ଧ ହେଲା ।

ଯଥାର୍ଥ ଓଡ଼ିଆ ସାହିତ୍ୟରେ ଏଇ ସଂକେତ ଶାସ୍ତ୍ରର ମହାଲୀଳା ଦେଖିଲେ ସ୍ତଂଭିତ ହେବାକୁ ହୁଏ । ମାତ୍ର ଏସବୁ ସଂକେତ ଠିକ୍

Digitized by srujanika@gmail.com

ଏହିପରି ସବୁ କାଳେ ଥିଲା କି ନା, ଥିଲେ ବା କିପରି ଥିଲା, ଏହା କହିବା ସହଜ ନୁହେଁ । କିନ୍ତୁ ଦୀକ୍ଷିତ ଅଧିକାଂଶ ଶିଷ୍ୟଙ୍କୁ ମାତ୍ର ଏସବୁ କୁହା ଯାଉଥିଲା, ଏଥିରେ ସଂଦେହ ନାହିଁ । ପରେ ପୂର୍ବ ଭାରତର ତନ୍ତ୍ର ସାଧନାର ପରିଣାମରେ ଯେଉଁ ଯୌନ-ସାଧନା ଫୁଟିଥିଲା, ତା ପୁଣି ଶୈବ ଧର୍ମର ଦେବୀ ଓ ବୈଷ୍ଣବ ଧର୍ମର ବ୍ରଜ ଲୀଳାରେ ଯେପରି ସାଧାରଣ ଲୋକରେ ସ୍ପଷ୍ଟ ଓ ସ୍ୱଚ୍ଛନ୍ଦ ଭାବରେ ପ୍ରଚାରିତ ହେଲା, ତାର ପ୍ରଭାବରେ ସଂକୁଚିତ ହୋଇ, ଏସବୁ ଅନ୍ତଃସଲିଳା ଫଲ୍‌ଗୁ ପରି ନିଜର ପାବନ ଧାରା କେବଳ ତଳରେ ଖୋଜିବା ଲୋକପାଇଁ ଯେ ଲୁଚାଇ ରଖିଛି, ଏଥିରେ ସଂଦେହ ନାହିଁ । ବହୁକାଳ ପୂର୍ବରୁ ମଧ୍ୟ କଥିତ ପଣ୍ଡିତମାନେ ପ୍ରକାଶ୍ୟ ଦର୍ଶନ ଆଲୋଚନା ସଂଗେ ଏଇସବୁ ସାଧନାର ବୈଦିକ ସଂସ୍କରଣ ମଧ୍ୟ ଲୋକରେ ପ୍ରଚାର କରିବା ଆରଂଭ କରିଥିଲେ । ସେମାନେ ପୂର୍ଣ୍ଣ ବୈଦିକ ଭିତ୍ତିରେ ସେ ସାଧନାରେ କେତେ କୃତକାର୍ଯ୍ୟ ହୋଇଥିଲେ ବା ହୋଇ ନ ଥିଲେ, ତା ଏଠାରେ କୁହାଯାଉ ନାହିଁ । ମାତ୍ର ସେଇ ଶାସ୍ତ୍ରୀୟ ଦାର୍ଶନିକ ପଣ୍ଡିତମାନଙ୍କର ପ୍ରଭାବ ମଧ୍ୟ ଏଡ଼ିବାର ଉପାୟ ନ ଥିଲା । ସେଥିରେ ଭାରତର ଏଇ ପୁରାଣ ଓ ପାରଂପାରିକ ସାହିତ୍ୟ ଭାରତର ଅନ୍ୟଠାରୁ ଏକ ପ୍ରକାର ବହିଷ୍କୃତ ହୋଇ, ପୂର୍ବ ଭାରତ ତଥା, ଏଇ ଓଡ଼ିଆ ଭୂମିରେ ଆତ୍ମଗୋପନ କରିଥିଲା । ପଣ୍ଡିତ-ମାନଙ୍କ ପାଖେ ଏଇ ଆତ୍ମଗୋପନ କରିଥିବା କଥା ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଖୁବ୍ ଦେଖାଯାଏ । ଚୈତନ୍ୟ ସଖା ଅଚ୍ୟୁତ ଦାସ, ନିଜର ପାରଂପରିକ ପୁରାଣ ଦର୍ଶନ ଓ ସାଧନା ଏଇପରି ସଂକେତରେ ପ୍ରକାଶ କରିବାର କାରଣ ସ୍ୱରୂପ ବାରଂବାର କହିଛନ୍ତି—

Digitized by srujanika@gmail.com

ପଣ୍ଡିତ ଜନଙ୍କ ଆଗେ ଏହା ନ କହିବ
ପଣ୍ଡିତାଇ ଅର୍ଥମାନ ତା ଆଗେ କହିବ ।

ଏଇ ଶୂନ୍ୟବାଦ ବୈଦିକ ନୁହେ । ଏହା ପ୍ରାଗ୍‌ବୈଦିକ ସଭ୍ୟତାର ଧାରା । ଏବେ ପ୍ରାଚୀନ ସୁମେର ବାବିଲନ୍‌ର ଯେଉଁ ସାହିତ୍ୟ ସେମାନଙ୍କ ଶ୍ମଶାନରୁ ଖୋଳା ହୋଇ ବାହାରୁଛି, ସେଥିରେ ପୁଣି ଏଇ ଶୂନ୍ୟରୁ ବିନ୍ଦୁ ନାଦ ଓ ନାମରେ ସୃଷ୍ଟିର ବ୍ୟକ୍ତି ବା ବିକାଶ ଦର୍ଶନର ମଧ୍ୟ ସ୍ପଷ୍ଟ ନିଦର୍ଶନ ମିଳେ । ଏହା ସେ ଯୁଗର ସମସ୍ତ ଅଯୈତର ସଭ୍ୟ ଦେଶର ସାହିତ୍ୟରେ ସ୍ପଷ୍ଟ ପ୍ରକାଶ ପାଇଥିଲା । ପୃଥିବୀରୁ ଅନ୍ୟତ୍ର ଏହି ଦର୍ଶନ ଲୋପ ପାଇଛି । ପରଲୋକ ହୋଇ ନିଜର ଧାରା ହୁଏତ ଅନ୍ୟ ଆଗନ୍ତୁକ ଧାରାରେ ମିଶାଇ ଦେଇ ଲୀନ ହୋଇଛି । ମାତ୍ର ଓଡ଼ିଆର ପଲ୍ଲୀ ସମାଜରେ ନାନା ସ୍ପଷ୍ଟ ସଂକେତରେ ଏହାର ସ୍ପଷ୍ଟ ପ୍ରକାଶ ଆଜି ଦେଦୀପ୍ୟମାନ । ଚୈତନ୍ୟଙ୍କ କାଳର ବୈଷ୍ଣବ ସାହିତ୍ୟ ନାମରେ ଏହାର ପ୍ରକାଶ ଓଡ଼ିଶାରେ ଦେଖିବାକୁ ମିଳେ । ଏବେ ମହିମା ଧର୍ମରେ ସ୍ୱାଧୀନ ବୈଦିକ ଭକ୍ତି ନାମରେ ଏହାର ମଧ୍ୟ ସ୍ପଷ୍ଟ ପ୍ରକାଶ ଅନୁସଂଧାନ କରାଯାଇ ପାରେ । ଭୀମା ଭୋଇଙ୍କ ଭଜନ ପ୍ରଭୃତିରେ ଏଇ ପ୍ରକାଶର ଜୀବନ୍ତ ଧାରା ଲକ୍ଷ୍ୟ କରାଯାଇ ପାରେ ।

ଏଇ ସାହିତ୍ୟର ପ୍ରାକୃତ ସାଧନାରେ ପୁଣି କାଳକ୍ରମେ ବିଭିନ୍ନ ଯୌନତନ୍ତ୍ର ଓ ଦେବଦାସୀ ପ୍ରଭୃତି ବହୁକାଳରୁ ପ୍ରକାଶ ପାଇଥିଲା । ଶୂନ୍ୟତା ବା ନିର୍ବାଣ ଲାଭ କରିବାରେ କାମନାର ତ୍ୟାଗହିଁ ସାଧନା । ଯୌନକାମନା ବା କାମର ନିରୋଧ ଏହି ସାଧନାର ସ୍ପଷ୍ଟ ପ୍ରତୀକ । ନାରୀ ସଙ୍ଗେ ପରୀକ୍ଷାରେ ଏହି ସାଧନାରେ ସିଦ୍ଧି ଫୁଟାଇବା ବାହାନାରେ ଏହି ଯୌନତନ୍ତ୍ର ପ୍ରକାଶ ପାଇଥିଲା । ବଙ୍ଗଦେଶ ତିବ୍ବତ ପ୍ରଭୃତିରେ ଦିନେ ଏହା ସମାଜକୁ ଅସ୍ତବ୍ୟସ୍ତ


Digitized by srujanika@gmail.com

କରୁଥିଲା । ଓଡ଼ିଶାରେ ମଧ୍ୟ ଏହାର ଧକ୍କା ଲାଗିଥିଲା । ସେକାଳରେ ଏକ ଓଡ଼ିଶା ରାଜା ତିବ୍ବତର ଏଇ ତନ୍ତ୍ରର ପ୍ରଚାରକ ଥିବାର ପ୍ରମାଣ ମିଳେ । ପୁଣି ଏଇ ସଂପର୍କରେ ଓଡ଼ିଶା ରାଜା ଇନ୍ଦ୍ରଭୂତି ଓ ତାଙ୍କ କନ୍ୟା ଲକ୍ଷ୍ମୀଂକରାଙ୍କ କଥା ଉଲ୍ଲେଖଯୋଗ୍ୟ । ଏଇ ତନ୍ତ୍ରର ଦାର୍ଶନିକ ସାଧନାର ପ୍ରଭାବ ହୁଏତ ସେକାଳର ଓଡ଼ିଆ ମନୀଷିଙ୍କ ଉପରେ ପଡ଼ିଥିଲା । ଏବେ ମଧ୍ୟ ଗୌଡ଼ୀୟ ବୈଷ୍ଣବଙ୍କ ପ୍ରଭାବ ପଡ଼ୁଛି । ମାତ୍ର ତନ୍ତ୍ରର ବଭତ୍ସତା ଓଡ଼ିଆ ଜନସମାଜର ଅନ୍ତଃସ୍ଥଳ ଭେଦ କରିଥିବାର କୌଣସି ପ୍ରମାଣ ନାହିଁ । ଦେବୀଧର୍ମ ଏଇ ତନ୍ତ୍ର ସଂଗେ ଜଡ଼ିତ । ଆଜି ଓଡ଼ିଶାର ବ୍ରାହ୍ମଣମାନେ କେତେକ ପୂର୍ବ ଭାରତର ପ୍ରଭାବ ହେତୁରୁ ପୁରୁଷାନୁକ୍ରମେ ତନ୍ତ୍ର ଉପାସକ ବୋଲି ପରିଚୟ ଦିଅନ୍ତି । ଗୌଣଭ୍ର ମନୋବୃତ୍ତି ପ୍ରସୂତ ଅନୁକରଣରେ କେତେକ ଉତ୍ତର ଓଡ଼ିଶା ସହରରେ ଆଜି ମୃଣ୍ମୟୀ ଦେବୀପୂଜାର ବଂଶଗତ୍ ଘଟା ହୁଏ । ମାତ୍ର ଜନସମାଜ ସେଥିରେ ପ୍ରଭାବିତ ହୋଇ ନାହିଁ । ବଂଗଦେଶ ପରି ଦେବୀ ଏ ଦେଶରେ ଗ୍ରାମ ଲୋକଙ୍କ ଉପାସ୍ୟା ନୁହନ୍ତି । କୃଷକ ସାଧାରଣ ଏ ଦେଶରେ କୁତ୍ରାପି ମୃଣ୍ମୟୀ ମୂର୍ତ୍ତି କରି ତାର ପୂଜା କରନ୍ତି ନାହିଁ । କେତେକ ସହର ଓ ବ୍ରାହ୍ମଣାଦି ଛଡ଼ା ଦେବୀପର୍ବ ଏ ଦେଶରେ କାହାର ନିଜସ୍ୱ ବା କୌଳିକ ଅନୁଷ୍ଠାନ ନୁହେ । ପୁଣି ଅନ୍ୟ ପ୍ରଭାବରେ ଏଥିରୁ ଯାହା ବା ଓଡ଼ିଆ ସମାଜରେ ବହୁ ଶତାବ୍ଦୀ ଧରି ପଶିଚି, ସେଥିରେ ଭୈରବୀ, ସହଜିଆ ବା ପରବର୍ତ୍ତୀ କାଳରେ ବ୍ରଜ-ଲୀଳାର ବୈଷ୍ଣବ ବୈଷ୍ଣବୀ ପଶି ପାରି ନାହାନ୍ତି । କେବଳ ଦାର୍ଶନିକ ପ୍ରଭାବହିଁ ଏ ଭୂମିରେ ପଶିବାର ଚେଷ୍ଟା କରି ଅଭ୍ୟାସ ଓ ସାଧନା ପ୍ରଚାର କରିବାରେ ଏକପ୍ରକାର ବିଫଳ ହୋଇଛି । ପରାଧୀନ ଓଡ଼ିଶାରେ ବଂଗସମାଜ ପ୍ରଭାବିତ କୁଳୀନ ବ୍ରାହ୍ମଣ କେବେ ବା

Digitized by srujanika@gmail.com

ତଥାକଥିତ ରାଜାଙ୍କ ପରୀକ୍ଷା ବେଳେ ନିଜ ଦେବୀପୂଜାରେ ବ୍ୟବହୃତ ମଦକୁ ଦୁଧ କରିଥିବାର ଶୁଣା ଗଲେହେଁ, ଜନସମାଜରେ ଏହାର ପ୍ରଭାବ ପଡ଼ିଥିବାର କୌଣସି ସଂକେତ ମଧ୍ୟ ନାହିଁ । ପୂର୍ବଭାରତର ପ୍ରାଚୀନ ସଭ୍ୟତାରେ ଯେପରି ଏଇ ଶୂନ୍ୟ ସାଧନା ପୀଠ ଧରି ଯୌନ ସାଧନା ଓ ଦେବୀ ପୂଜା ଫୁଟିଥିଲା, ଦ୍ରାବିଡ଼ ଭୂମିରେ ସେଇପରି ଦେବଦାସୀ । ଏଇ ଦେବଦାସୀ ପ୍ରଥାଟିର ଚେର ବହୁ ଦୂରରେ । କେବଳ ପ୍ରାଗ୍‌ବୈଦିକ ଭାରତରେ ଏହାର ଉତ୍ପତ୍ତି ନୁହେଁ । ସୁମେର ବାବିଲନରେ ମଧ୍ୟ ସେକାଳେ ସମାଜର ପ୍ରତ୍ୟେକ କନ୍ୟା ବିବାହରେ ଆବଦ୍ଧ ହୋଇ ସଂସାରରେ ପ୍ରବେଶ କରିବା ପୂର୍ବରୁ ମନ୍ଦିରରେ ଗୋଟିଏ ଭକ୍ତର ଭୋଗ୍ୟା ହେବାକୁ ବାଧ୍ୟ ହେଉଥିଲା । ଏପରି କି ରାଜକନ୍ୟା ମଧ୍ୟ ଏଥିରୁ ବାଦ୍ ଯାଉ ନ ଥିଲେ । ଅସୁନ୍ଦର ଧନିକନ୍ୟାମାନେ ଏଇପରି ଭକ୍ତଟିଏ ଯୋଗାଡ଼ କରିବାପାଇଁ ବର୍ଷ ବର୍ଷ ମନ୍ଦିରରେ ଅପେକ୍ଷା କରି ପଡ଼ି ରହୁଥିଲେ । ଆଜିକାଲି ଯାହାକୁ ଆସିଆ ମାଇନର କହନ୍ତି, ସେ ଦେଶରେ ସେକାଳେ 'ମା' ବା ଦେବୀଙ୍କ ମନ୍ଦିରରେ ଯେଉଁ ପୂଜକ ବା ପୁରୋହିତମାନେ ରହୁଥିଲେ, ସେମାନଙ୍କୁ ନପୁଂସକ କରି ରଖା ଯାଉଥିଲା । ଏବର ମହନ୍ତମାନଙ୍କ ପରି ସେମାନେ 'ମା'ଙ୍କ ନାମରେ ବିଶାଳ ବିଷୟ ଭୋଗ କରୁଥିଲେ ଓ ସମାଜରେ ମହା ପ୍ରତିପତ୍ତିଶାଳୀ ଥିଲେ । ନପୁଂସକ ନ ହୋଇ ଦେବୀଙ୍କ ତତ୍ତ୍ୱାବଧାନରେ ରହିବାର ଉପାୟ ନ ଥିଲା । ଏଇ ରୀତିରୁ ପରେ ତୁର୍କି ଓ ଆରବ ପରେ ମୁସଲମାନ ସୁଲତାନ ପ୍ରଭୃତିଙ୍କ ନାରୀ ରକ୍ଷକଙ୍କୁ ନପୁଂସକ କରି ରଖିବାର ବିଧି ଫୁଟିଥିଲା ବୋଲି ଅନୁମାନ ହୁଏ ।

ଏଇସବୁ ପ୍ରଥାର ଭାରତୀୟ ସଂସ୍କରଣ ଓ ଅବଶେଷ ହେଉଛି ଦେବଦାସୀ । ଦ୍ରାବିଡ଼ରେ ଆଜି ତାହା ପ୍ରତିଷ୍ଠିତ ପ୍ରଥା ହେଲେହେଁ

Digitized by srujanika@gmail.com

ଓଡ଼ିଶାର ବଳିଷ୍ଠ ସମାଜରେ ତାହା ପଶି ମଧ୍ୟ ପଶି ନାହିଁ । ପୁରୀ ଜଗନ୍ନାଥରେ ଏହାର ଚିହ୍ନଏ ଯା ଛାୟା ମାନ୍ଦ ଅଛି ।

ଅନ୍ୟଥା, ଏଇ ଜଗନ୍ନାଥ ହେଉଛନ୍ତି, ଓଡ଼ିଆ ସମାଜ, ସଭ୍ୟତା ଓ ସାହିତ୍ୟ ପରଂପରାର ବଳିଷ୍ଠତମ ନିଦର୍ଶନ । ଏପରି ଗୋଟିଏ ପରଂପରାର ନିଦର୍ଶନ ପୃଥିବୀରେ ଅନ୍ୟତ୍ର ଥିବାର ମନେ ହୁଏ ନାହିଁ । ବୈଷ୍ଣବ ଧର୍ମର ବିଗ୍ରହ ଓ ଆବରଣ ଭିତରେ ଓଡ଼ିଆ ପରଂପରାର ପ୍ରାଣ ଏଇଠାରେ । ଇନ୍ଦ୍ରଙ୍କୁ ବଳି ଦେଇ ଯେଉଁମାନେ ଭୋଗ ମାଗୁଥିଲେ, ସେମାନଙ୍କର ଇହକାଳରେ କାମନା ଥିଲା, ପୁତ୍ର ପଶୁ ସଂଗେ ଦାସ ଦାସୀ, ପରକାଳରେ ଥିଲା ନନ୍ଦନର ସର୍ବୋତ୍ତମ ସୁଖ ପାରିଜାତ, ଚିରଯୌବନା ମେନକାର ବିଭ୍ରମ ଓ ଲାସ୍ୟ, ମର୍ତ୍ତ୍ୟରେ ଅଜ୍ଞାତସ୍ୱାଦ ଅମୃତ । ବ୍ୟକ୍ତିର ଭୋଗ, ପରିବାରର ସୁଖାଦି ଯେଉଁଠାରେ ଭୋଗ କାଂଗାଳ ଜୀବନର ଏକାନ୍ତ କାମନା, ସେଠାରେ ମାନବର ସମତା କାହିଁ ? ବରଂ ଜାତି ବା ବର୍ଣ୍ଣଭେଦ ସେଇ ସମାଜର ବିକାଶ । ସ୍ୱାର୍ଥର ସଂଘର୍ଷ, ସଂଗ୍ରାମ ଓ ଆଦାନ ପ୍ରଦାନ ସେଠାରେ ସମାଜର ବନ୍ଧନ ଓ ବିକାଶର ସୂତ୍ର । ମାନବ ପ୍ରକୃତିର ସ୍ୱାଚ୍ଛନ୍ଦ୍ୟ ଭିତରେ ଯେଉଁଠାରେ ବ୍ୟକ୍ତି ଏକାନ୍ତ ଶୂନ୍ୟ ହୋଇଯାଇ କର୍ମବନ୍ଧନର ଏକାନ୍ତ ଅବସାନ କାମନା କରେ, ଯେଉଁଠାରେ ସମସ୍ତ ବିଶ୍ୱବ୍ୟକ୍ତି ନାମ ଛଡ଼ା ଆଉ କିଛି ନୁହେ, ସେଠାରେ ସମାଜ ବନ୍ଧନ ଓ ବିକାଶର ସୂତ୍ର କଣ ? ମାନବ ମାନବର ସଂପର୍କ କିପରି ଧରା ହେବ ଓ ବିକାଶ ଧାରାରେ ସ୍ଥିର ରହିବ ? ସମାଜ ବା ସାହିତ୍ୟ ବିନା ଏପରି ଶୂନ୍ୟବାଦର ସୂକ୍ଷ୍ମଦର୍ଶନ ଓ ସେଥିଲୁ କର୍ମହୀନ ଯୋଗ ସାଧନାର ପନ୍ଥା ବା ଫିଟିବ କାହୁଁ ? ଏ ପନ୍ଥା ପୁଣି ବିକାଶରେ ବା ଧରି ରଖିବ କିଏ ?

Digitized by srujanika@gmail.com

ବ୍ରଜ-ବୈଷ୍ଣବ ଧର୍ମରେ ଯାହାର ନାମ 'ଜୀବେ ଦୟା', ବୌଦ୍ଧ ଓ ଜୈନ ସାହିତ୍ୟରେ ସାଧାରଣତଃ ଯାହାର ସାଧନାଇ କେବଳ ସାଧନା ବୋଲି ଜଣା ପଡ଼େ, ହୁଏତ ଯାହାର 'ଅନ୍ତ ସର୍ବସ୍ୱ' ପରିଣାମରେ ପୁଣି 'ପିଞ୍ଜରା ପୋଲ' ସେବା ଜୈନ ଧନପତି ଅନ୍ଧ ଲୋକକୁ ପଇସା ଦେଇ 'ଖଟ୍‌ମଲ୍' ଖୁଆଏ, ସେଇ ବିଶ୍ୱମୈତ୍ରୀ ଏ ଶୂନ୍ୟ ସାଧନାରେ ସମାଜର ଗତି ନିୟମିତ କରୁଥିଲା । ସେଇ ପରଂପରାର ସଂକେତ ପ୍ରକାଶ କରି କୁହାଯାଇଛି—

"ଆତ୍ମୌପମ୍ୟେନ ଭୂତେଷୁ
ଦୟାଂ କୁର୍ବନ୍ତି ସାଧବଃ ।"

ମାତ୍ର 'ଦୟା' ଶବ୍ଦଟି ଯେ ଭାବରେ ପ୍ରୟୋଗ ହୁଏ, ସେଥିରେ ମଧ୍ୟ ଅହଂକାର ପ୍ରଚ୍ଛନ୍ନ ହେଲେହେଁ ପୂର୍ଣ୍ଣ ରହିଛି ।

"ଦୀପନ୍ନେଷୁ ଦୟା କାର୍ଯ୍ୟା
କାତରେ କରୁଣାଂ କୁରୁ"

"ଦରିଦ୍ରାନ୍ ଭର କୌନ୍ତେୟ
ମାପ୍ରୟଚ୍ଛେଶ୍ୱରେ ଧନଂ ।"

ଏ ସବୁ ବଚନରେ ଦୟାର ପ୍ରକୃତି ସ୍ପଷ୍ଟ । ସାମ୍ୟ ଓ ମୈତ୍ରୀର ଏ ଅଭ୍ୟାସ ଭେଦବୁଦ୍ଧି ମୂଳକ ଆର୍ଯ୍ୟଧର୍ମ ପ୍ରଭାବରେ ଦୟା କରୁଣା ଦାନ ପ୍ରଭୃତିରେ ପରିଣତ ହୋଇଛି । ଭଗବାନ୍ ଶ୍ରୀକୃଷ୍ଣ ଯଥାର୍ଥ ବେଦତତ୍ତ୍ୱ ବୋଲି ଏଇ ଭାରତ ସଂସ୍କାରକୁ ବୁଝାଇବାବେଳେ ଗୀତାରେ ଏଇ ଦାନାଦରୁ ଅହଂକାର ଛଡ଼ାଇବାରେ ଯେଉଁ ବିରାଟ ଉଦ୍ୟମ କରିଛନ୍ତି, ତାହା ଏ ସଂପର୍କରେ ଉଲ୍ଲେଖଯୋଗ୍ୟ । ବିକାଶ ଧର୍ମର ମହା ତ୍ୟାଗ ଲୀଳାକୁ ଯଜ୍ଞ ଓ ଦାନ ବୋଲି ବୁଝାଇ ଭଗବାନ୍ ସ୍ପଷ୍ଟ କହିଛନ୍ତି, ତପଃ, ଅର୍ଥାତ୍, କର୍ମପ୍ରଯତ୍ନହିଁ ଏଇ

Digitized by srujanika@gmail.com

ଯଜ୍ଞଦାନ ସବୁ ନିତ୍ୟକର୍ମ । ଅହଂବୁଦ୍ଧିରେ ଯଜ୍ଞଦାନାଦି ନ କଲେ, କର୍ମପାଇଁ ତପଃ ବା ଉଦ୍ୟମ ଆସିବ କାହୁଁ ? ସେଥିପାଇଁ ଭଗବାନ୍ ଏଇ ପ୍ରକାଶ ଧର୍ମରେ ଯଜ୍ଞଦାନ ତପଃ ନିତ୍ୟ ବୋଲି ଯେପରି ବୁଝାଇଛନ୍ତି, ତାହା ଗୀତାରେ ସ୍ପଷ୍ଟ ଅଛି ; ଏଠାରେ କହିବାର ପ୍ରୟୋଜନ ବା ଅବକାଶ ନାହିଁ । ଦୟା କଥାରେ ଯାହା ଅନ୍ୟନ ପ୍ରକାଶ କରାଯାଏ, ଭଗବାନ୍ ଶ୍ରୀକୃଷ୍ଣ ସେହି କଥା ବୁଝାଇବାରେ ଦୟା କରୁଣାଦିର ପ୍ରୟୋଗ ନ ରଖି କହିଛନ୍ତି—

"ଆତ୍ମୌପମ୍ୟେନ ସର୍ବତ୍ର
ସମଂ ପଶ୍ୟତି ଯୋଽର୍ଜୁନ
ସୁଖଂ ବା ଯଦି ବା ଦୁଃଖଂ
ସ ଯୋଗୀ ମସ୍ପିବର୍ତ୍ତତେ ।"

କର୍ମହୀନ ଯୋଗସାଧନା ବୁଝାଇଲାବେଳେ, ୬ଷ୍ଠ ଅଧ୍ୟାୟରେ ଶ୍ରୀକୃଷ୍ଣ ପୁଣି ଏହା କହିଚନ୍ତି । ଏହା ମଧ୍ୟ ମନେ ରଖିବା ଦରକାର ।

ଚତୁର୍ଦ୍ଦିଗରେ ସର୍ବମୁଖରେ ଏଇପରି ଅନ୍ୟ ପ୍ରଭାବର ମହାକର୍ଷଣ କ୍ରିୟା ମଧ୍ୟରେ ଜଗନ୍ନାଥ ପ୍ରତୀକରେ ଶବର 'ବିଶ୍ୱାବସୁ'ର ଆତ୍ମପ୍ରତିଷ୍ଠାର ସମାଧାନ ଦେଖିଲେ, ଆଜ ବିସ୍ମୟ ପୁଲକରେ ଓଡ଼ିଆର ପ୍ରାଣ ପୂରି ଯିବାର କଥା । ବେଦଧର୍ମ ଜର୍ଜ୍ଜରିତ ଭାରତ ବକ୍ଷରେ ଏ ବିଶ୍ୱମୈତ୍ରୀର ନିତ୍ୟପୀଠ ଓଡ଼ିଆ ସମାଜ ଓ ସାହିତ୍ୟ ପରଂପରାର ଯଥାର୍ଥ ଆତ୍ମବତ୍ତ୍ୱ ପ୍ରକାଶ କରୁଚି । ବ୍ୟକ୍ତି ଓ ସମାଜ ଏଠାରେ ଏକାକାର, ପରଂପରା ସମସ୍ତ ଆବରଣ ମଧ୍ୟରେ ଜୀବନ୍ତ । ଦର୍ପୀ ବ୍ରାହ୍ମଣ ଏଠାରେ ପରିତ୍ୟକ୍ତ ଚଣ୍ଡାଳ ପାଖେ ଅବନତ ; ଶବର ଦେବତା ବୁଦ୍ଧ ଏଠାରେ ବେଦର ଜରୁଣମ ବସ୍ତୁ । ଭାରତର ଆଦମ ବିକାଶ ଧାରା ଏଇ ଓଡ଼ିଆ

Digitized by srujanika@gmail.com

ସମାଜର ପୂର୍ଣ୍ୟ ସମାଧାନରେ ଜୀବନର ଦୈନଂଦନ ନିତ୍ୟ ପ୍ରବାହରେ ମାନବତାର ମହାୟାନ୍ ଆଦର୍ଶରେ ଜୀବନ୍ତ ।

ପୁଷ୍ପଗିରି ବିହାରର ଯୋଗକଳା ଓ "ନିର୍ବାଣ ପରମ ଶାନ୍ତି"ର ପ୍ରତିଷ୍ଠିତ ଆତ୍ମଦର୍ଶନ ନାନା ଅପଘାତରେ ଭଗ୍ନ ଓ ସଂକୁଚିତ ହୋଇ ପାରେ ; ଏହା ହୁଏତ ଆଜି ଅନୁସଂଧାନର ଅପେକ୍ଷା ରଖେ । ଓଡ଼ିଆ ଭାଷା ଓ ସାହିତ୍ୟର ଏ ମହିମା, ମହିମା-ଧର୍ମର ହୃତ୍‌ପିଣ୍ଡରେ ଖୋଜି, ଭୀମା ଭୋଇର ଅଜ୍ଞାତ ତଥା ପରିଣତ ବିକାଶରେ ଦେଖି ଆତ୍ମବାନ୍ ହେବା ହୁଏତ ଆଜି କଷ୍ଟକର ହୋଇ ପାରେ, ମାତ୍ର ସ୍ୱୟଂ ଜଗନ୍ନାଥ ଆଜି ମାନବବିକାଶ ତଥା ମାନବ ସାହିତ୍ୟର ଯେ ପୂର୍ଣ୍ୟ ଓ ନିତ୍ୟସମାଧାନର ଆଲୋକ ଧରି ଓଡ଼ିଆ ପରଂପରାର ଯେ ଉପଯୋଗିତା ଓ ଉପେୟର ସଂକେତ ସ୍ୱଦେହରେ ବ୍ୟକ୍ତ କରୁଛନ୍ତି, ତାହା ପ୍ରତିମାପୂଜାର ଆବରଣରେ ଆବୃତ ରହି ନ ପାରେ ; ବଡ଼ସିଂହାର, ଅର୍ଥାତ୍ ବାତ୍ସ୍ୟାୟନ ବର୍ଣ୍ଣିତ ନାଗରର ନୈଶ ବେଶଭୂଷା, ତଥା ଦେବଦାସୀର ନୃତ୍ୟରେ କଳଂକିତ ହୋଇ ନାହିଁ । ପୁରାଣ ଭାରତର ପ୍ରାକୃତ ଦେବତା ଶିବ ଆଜି ରୁଦ୍ରରୂପ ଛାଡ଼ି ଶକ୍ତିଙ୍କୁ ଆଦରି ଏକାବେଳକେ ଅର୍ଦ୍ଧ-ନାରୀଶ୍ୱର । ଶକ୍ତିର ଶକ୍ତିରେ ଭରା ଦେଇ ସେ ଆଜି ଠିଆ ହୋଇ ପାରିଛନ୍ତି । ମାତ୍ର ସାମ୍ୟହି ଏକା ବୁଦ୍ଧ-ବିଷ୍ଣୁ ଜଗନ୍ନାଥଙ୍କ ଶକ୍ତି । ଲକ୍ଷ୍ମୀ ସରସ୍ୱତୀ ସମାନଭାବରେ ଏଇ ସାମ୍ୟର ଦାସୀ । ଏଠାରେ ମାନବର ସାହିତ୍ୟ ବିକାଶରେ ମାନବିକ ଅହଂକାର ଶାନ୍ତ ଓ ସମାହିତ, ଭୋଗର ତୀବ୍ର ସଂଗ୍ରାମ ସଂଯତ ଓ ତୃପ୍ତ । ଓଡ଼ିଆ ସାହିତ୍ୟର ଏହା ଭାରତ ତଥା ମାନବିକ ସାହିତ୍ୟକୁ ମହାଦାନ । ଏ ଉପଯୋଗିତା ପୃଥିବୀରେ ଆଜି କେଉଁ ସମାଜର ସାହିତ୍ୟରେ ଅଛି ? ଅହିଂସାର କର୍ମହୀନତାରେ କରୁଣାର ଦର୍ପ ଥାଇ ପାରେ ; ଜାତିସଂଘର

Digitized by srujanika@gmail.com

ନିରସ୍ତ୍ରୀକରଣ ଏକ ଚକ୍ରର ବିକାଶ ମାତ୍ର, ସେଥିରେ ଉପେୟ କୃତ୍ରିମ, ତେଣୁ ତାକୁ ଧରିରଖିବା ଦୁଷ୍କର ; ଆଜିର ସାମ୍ୟବାଦର ନିଃସ୍ୱୀକରଣରେ ମାନବିକ ସ୍ୱାଧୀନତାର ଲେଶ ନାହିଁ ; ଏହା ରକ୍ଷିତସ୍ୱାର୍ଥର ଅତ୍ୟାଚାରରେ ଏକ ତୀବ୍ର ପ୍ରତିକ୍ରିୟାର ଅତ୍ୟାଚାର ; ଏ ପ୍ରତିକ୍ରିୟାରେ ମଧ୍ୟ ସ୍ପଷ୍ଟ ଉପେୟ ମାନବିକ ଭିତ୍ତିରେ ଏବେ ଫୁଟି ନାହିଁ । ମାନବ ଏଥିରେ ଏକ କୃତ୍ରିମ କଳ—ଭୌତିକତାରେ ସୀମାବଦ୍ଧ । ଏ ପରିସ୍ଥିତିରେ ପୃଥିବୀ ଲୋଡ଼େ ସେଇ ଶବର ଦେବ ଜଗନ୍ନାଥଙ୍କ ପ୍ରାଣପ୍ରତିଷ୍ଠା । ଓଡ଼ିଆ ପରଂପରାର ମାନବ ସମାଜକୁ ଏହି ଦାନଟି ଦେବାର ଅଛି । ଏହାହିଁ ଏକ କଥାରେ ଓଡ଼ିଆ ସାହିତ୍ୟର ଉପଯୋଗିତା । ବହିଃପ୍ରଭାବର ଅତ୍ୟାଚାର ଓ ତଜ୍ଜନିତ ଗୌଣତ୍ୱ ମନୋବୃତ୍ତିର ଆତ୍ମସଂକୋଚରେ ଓଡ଼ିଆ ପରଂପରାର ବଳିଷ୍ଠ ବ୍ୟକ୍ତିତ୍ୱର ଏହି ପ୍ରକାଶଟି ସ୍ୱଚ୍ଛନ୍ଦ ହେଲେହେଁ ସମୃଦ୍ଧ ମାନବିକ ସାହିତ୍ୟର ଉପାଦାନ । ଏ ସଂଚିତ ଧନ ଖଣିରୁ କାଢ଼ି ବାଂଟିଦେବାକୁ ହେବ । ଓଡ଼ିଆ ଏହା କରିବେ । ଏ ସାହିତ୍ୟ ସମାଜର ଏହା କାର୍ଯ୍ୟ । ଏଇ ଉପେୟ ଦିଗରେ ସ୍ପଷ୍ଟ ବିକାଶହିଁ ଓଡ଼ିଆ ସାହିତ୍ୟର ଜୀବନ୍ତ ଓ ପାରଂପରିକ ବ୍ୟକ୍ତିତ୍ୱକୁ ବିଶ୍ୱପୀଠରେ ଫୁଟାଇବ – ଉପଯୋଗିତାରେ ଅମୂଲ୍ୟ କରି ବିଶ୍ୱପରିବାରରେ ଓଡ଼ିଆ, ଓଡ଼ିଆ ହେବ ।

ଜୀବନ ତଥା ସାହିତ୍ୟ ବିକାଶରେ ଓଡ଼ିଆର ଏ ନିଭୃତ ଓ ଉପେୟ କଥା କହିଲାବେଳେ, ଓଡ଼ିଆର ଏହି ଆତ୍ମପ୍ରତିଷ୍ଠାର ପନ୍ଥା ପ୍ରତି ଲକ୍ଷ୍ୟ କରିବାର ଅଛି । ପ୍ରଭାବର ଘୋର ତାଡ଼ନାରେ ଓଡ଼ିଆ ଭଗ୍ନ ହୋଇନାହିଁ । ସେ ଯେ କେବଳ ଉପେୟଟି ଅନ୍ତର୍ଭାବରେ ଧରିରଖିଛି, ତା ନୁହେଁ । ଏପରି ଅନ୍ତର୍ଭାବରେ ଅନାଲୋଚିତ ଉପେୟକୁ ନିର୍ବିଘ୍ନରେ ଧରି ବସିଲେ, ଧାରଣା

Digitized by srujanika@gmail.com

କୁସଂସ୍କାରରେ ପରିଣତ ହୁଏ । ସେଥିରେ ସମାଜ ତଥା ସାହିତ୍ୟ ସ୍ଥବିର ହୋଇପଡ଼େ, ଓ କାଳକ୍ରମେ ସମୃଦ୍ଧିରେ ଉପଯୋଗିତା ହରାଇ ନଷ୍ଟ ହୁଏ । ସେଥିପାଇଁ ପନ୍ଥାର ବିଚାର ପ୍ରୟୋଜନ । ଏଠାରେ ବିଶେଷ ଆଲୋଚନାର ଅବକାଶ ନ ଥିବାରୁ, ଦୃଷ୍ଟାନ୍ତ ମାନଙ୍କରେ କେତେକ ସଂକେତ ପ୍ରତି ମାତ୍ର ଲକ୍ଷ୍ୟ କରାଯିବ ।

କଳା, ଶିଳ୍ପ, ବ୍ୟବହାର୍, ସର୍ବୋପରି ଭାଷାରେ ସାହିତ୍ୟର ରୂପ ପ୍ରକଟିତ ହୁଏ । କଳା ଶିଳ୍ପ ପ୍ରଭୃତି କଥା କହିବା ନିଷ୍ପ୍ରୟୋଜନ । ମଗଧର ସୂକ୍ଷ୍ମ ଓ ଦୃଶ୍ୟମାନ ରେଖାନିବଦ୍ଧ ସ୍ଥାପତ୍ୟକୁ ଦ୍ରାବିଡ଼ର ବିଶାଳତାରେ ସମାଧାନରେ ମିଳାଇ ଓଡ଼ିଆ ଯେଉଁ ବିରାଟ 'ରେଖ' ସ୍ଥାପତ୍ୟ ଫୁଟାଇଥିଲେ ତାହା ସଂପୂର୍ଣ୍ଣ ଓଡ଼ିଆ । ଆଜି ମଧ୍ୟ ସେଥିରେ ପଣ୍ଡିତମାନେ ଭାରତୀୟ କଳାର ଅବିମିଶ୍ରଧାରା ଖୋଜି ପାଉଛନ୍ତି । ପୁଣି ଖିଚିଂଠାରୁ କୋଣାର୍କ ପର୍ଯ୍ୟନ୍ତ କଳାର ସୂକ୍ଷ୍ମତା ଓ ଜୀବନ୍ତତା ପ୍ରାକୃତିକ ଓ ମାନବିକ ହେଲେହେଁ, ଏହା ଓଡ଼ିଆ । ଏହା ପୁଣି ପରଂପରାରେ ଉଦୟଗିରିର ଗୁମ୍ଫାଠାରୁ ଏଯାଏ ଅବିଚ୍ଛିନ୍ନ । କୋଣାର୍କର ରତି ଗୁରୁ ସୃଷ୍ଟ ନର୍ତ୍ତକୀ ବାଦକ ନାରୀ ପୁରୁଷଠାରୁ ବଣ ଲତା ଜନ୍ତୁ ପର୍ଯ୍ୟନ୍ତ, ଭୁବନେଶ୍ୱରର ମୃଗୟା, ଅଭିଯାନ ପ୍ରଭୃତି ଓ ସର୍ବତ୍ର ବେଶଭୂଷା ମଜଲିସ୍ ଦେବମୂର୍ତ୍ତି ଆଦି ଦେଖିଲେ ମଧ୍ୟ ସେଥିରେ ଓଡ଼ିଆର ପରଂପରାହିଁ ପ୍ରକାଶ ପାଏ । ଓଡ଼ିଆ ବାହାର ପ୍ରଭାବରେ ଆତ୍ମ-ଗୋପନ କରି ଜୀବନର ଉପେୟକୁ ଆଚରଣର ସୂକ୍ଷ୍ମାତିସୂକ୍ଷ୍ମ ବ୍ୟବହାରରେ ବାନ୍ଧିରଖିବାକୁ ଚେଷ୍ଟା କରିଥିଲେ । ଶିଳ୍ପ ମଧ୍ୟ ସେଇପରି ଉଦୟଗିରି ଓ ଭୁବନେଶ୍ୱରର ସ୍ୱଚ୍ଛନ୍ଦ ସ୍ୱାଭାବିକତାରୁ କୋଣାର୍କର କୃତ୍ରିମତାକୁ ଉଠିଛି । ଏହା ଠିକ୍ ଦନେଇ ଦାସଙ୍କ

Digitized by srujanika@gmail.com

କୋଇଲରୁ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟକୁ ଉଠିବା ସଙ୍ଗେ ତୁଳନା କରାଯାଇପାରେ ।

ପୁଣି ଏହି କଳାର ହାସ୍ୟ ଲାସ୍ୟ ଶଙ୍କା ସଙ୍କେତ ସର୍ବତ୍ର ସାର୍ବଜନୀନ ମାନବିକତାର ସୂଚନା ସ୍ପଷ୍ଟ । ଏହା ଏହିପରି ସମଷ୍ଟିରେ ବ୍ୟକ୍ତିର ଉପଯୋଗିତାରେ ପୂର୍ଣ୍ଣ । କେଉଁ କାଳେ ଏହି ଉପଯୋଗିତାର ପ୍ରସାରରେ ଓଡ଼ିଆ ନାବିକ ଓଡ଼ିଆ ବୋଇତରେ କଳା କବିତାର ସାହିତ୍ୟ ଘେନି ସିଂହଳ ବ୍ରହ୍ମ, ପୁଣି ଯବ ବଳି ବୋର୍ଣ୍ଣିଓ ପ୍ରଭୃତି ବାଟେ ଆମେରିକା ପର୍ଯ୍ୟନ୍ତ ବିଶ୍ୱ ମାନବ ସମାଜକୁ ପ୍ରଭାବିତ କରିଥିଲେ, ତାହା ଆଜି ସେସବୁ ସ୍ଥାନର ଶ୍ମଶାନରୁ ବାହାରୁଛି । ସେଠାରେ ଶ୍ମଶାନବାସୀ ମହାଦେବ ହୁଏତ ଆଜି ନାହାନ୍ତି । ଓଡ଼ିଆ ଉତ୍ତରାଧିକାରୀଙ୍କ ତାଣ୍ଡବ ସେ ଭୂମିରେ ଦେଖିବାକୁ ହୁଏତ ଆଜି ବିଶ୍ୱ ମାନବ ଗୃହିଁ ବସିଛି । ମାତ୍ର 'ବାରଣ ବଢ଼ାଇରେ ଦାଣ୍ଡି କି ପୁଅରେ ଦାଣ୍ଡି'-ଏଇ ଅତର୍କିତ ପ୍ରବଚନଟିରେ ମାତ୍ର ଓଡ଼ିଆ କଳା ପ୍ରସାର ଓ ପରଂପରାର ଅନ୍ତଃସ୍ଥଳରେ ଯେ ବିଶ୍ୱ ମାନବିକତା ପ୍ରକାଶ ପାଉଛି, ତାହା ପ୍ରଣିଧାନ ଯୋଗ୍ୟ । ପ୍ରେରଣାର ଉତ୍ସ ଏହିଠାରେ ମଧ୍ୟ ପ୍ରତିଷ୍ଠିତ ।

ତା'ପରେ ଆଗ୍ରହର ବ୍ୟବହାର । ସହଜିଆ ଧର୍ମର ଯୌନ ସ୍ୱେଚ୍ଛାଗ୍ରହର ପୀଠରେ ଓଡ଼ିଆ କେବେ ବିବାହ ବଂଧନର ଶିଥିଳତାକୁ ସ୍ମାର୍ତ୍ତ କୁଳୀନର ବହୁବିବାହ ଓ ବୈଧବ୍ୟ କଠୋରତାରେ ବାନ୍ଧିବାକୁ ଯାଇ ନାହିଁ । ସେ ସବୁର ସ୍ୱାଦ୍ୟ ପ୍ରଭାବର ଲୀଳାଭୂମିର ଦ୍ୱାର ଦେଶରେ ରହି ମଧ୍ୟ ଓଡ଼ିଆ, ମାନବର ସ୍ୱାଭାବିକତାରେ ଆତ୍ମପ୍ରତିଷ୍ଠା ଠିକ୍ ରଖି ଆସିଛି । ଯାହାର ମାନବ ମୈତ୍ରୀ ଓ ସାମ୍ୟ ଜଗନ୍ନାଥ ଆଦର୍ଶରେ ନିଷ୍ପ୍ରମିତ, ସେଠାରେ ମାନବ ଅହଂକାର ଓ ଘୃଣାର ସ୍ୱଭାବ ପ୍ରବେଶ ନାହିଁ । ଦୁର୍ଦ୍ଦାନ୍ତ

Digitized by srujanika@gmail.com

ସେନା ଏଠାରେ କୃଷକ ଓ କୃଷକର କର୍ମ ଦେଶ ରକ୍ଷା; ରାଜା ଓ ଶବର ଦୁହେଁ ଏଠାରେ ସମାନ ସେବକ; ବ୍ରାହ୍ମଣ ଓ ଚଣ୍ଡାଳ ଦୁହେଁ ଦାସ। ଦ୍ରାବିଡ଼ ପରି ଏଠାରେ ଚଣ୍ଡାଳ ଅସ୍ପୃଶ୍ୟ ନୁହେ, କିଂବା ସହଜିଆର ସ୍ୱାଦ୍ୟ ପ୍ରବୃତ୍ତି ଲୀଳାରେ ତନ୍ତ୍ର ନାମରେ ଅଗମ୍ୟ ଅଗମ୍ୟାର ସାମ୍ୟ ଓଡ଼ିଆ ଜୀବନରେ କେବେ ସ୍ଥାୟୀ ଛାପ ପକାଇ ପାରି ନାହିଁ । 'ଥୁଆ ଥୋଇ' ଶବ୍ଦ ମାତ୍ରରେ କ୍ଷୀଣ ଘୋଡ଼ଣିଟିଏ ପକାଇ ଓଡ଼ିଆ ଦୁରନ୍ତ ସ୍ୱାର୍ଥର ପ୍ରଭାବ ଅନ୍ତରାଳରେ ମାନବର ସ୍ୱାଭାବିକ ବିବାହ ଆଗ୍ରହକୁ ଶୁଦ୍ଧ ଓ ସୁନ୍ଦର ରଖି ଆସିଛି । ଜାତି ଏଠାରେ ଯଥାର୍ଥରେ ବ୍ୟବସାୟ ଭେଦ ହୋଇ ରହିଛି । ଯୌନୋନ୍ମାଦ ଏ ଭୂମିରେ ସ୍ୱାଭାବିକ ବିବାହ ପଦ୍ଧତି ଧରି ସଂଯମରେ ସମାଜ ବିକାଶ କରି ଆସିଛି ।

ସାହିତ୍ୟର ମୁଖ୍ୟ, ଏପରି କି ଏକାନ୍ତ ରୂପ ଭାଷା । ସେଠାରେ ଓଡ଼ିଆର ବିଶେଷ ଅତି ସ୍ପଷ୍ଟ । ପ୍ରଭାବ ଓଡ଼ିଆ ହଠାତ୍ ଏଡ଼ି ଦିଏ ନାହିଁ । ମାତ୍ର ସେଥିରେ ଅଭିଭୂତ ନ ହୋଇ, ସମାଧାନରେ ତାକୁ ନିଜର କରି ନିଏ । ଜୀବନ୍ତ ଆତ୍ମଦାନ ସାହିତ୍ୟର ଏହାହିଁ ବିଧି । ଭରତଙ୍କ ନାଟ୍ୟ ଶାସ୍ତ୍ର କାଳକୁ ମଧ୍ୟ ଓଡ଼ିଆ ଏହି ସମାଧାନରେ ସ୍ୱତନ୍ତ୍ର ଭାଷା ସୃଷ୍ଟି କରି ସାରିଥିଲା । ଆର୍ଯ୍ୟ ସଭ୍ୟତାକୁ ନିଜର ସ୍ୱତନ୍ତ୍ର ପୀଠରେ ବଢ଼ାଇବାର ଭାଷା ଓଡ଼ିଆ ତିଆରି କରିଥିଲା । ଦ୍ୱୀପାନ୍ତର ପ୍ରସାରୀ ବିଶାଳ ଓଡ଼ିଆ ସାହିତ୍ୟର ସଂପର୍କରେ ଆସି ଆର୍ଯ୍ୟ ଭାଷା ଓ ସାହିତ୍ୟ ଆତ୍ମଦାନ କରିଥିଲା । ପରବର୍ତ୍ତୀ କାଳରେ ମଗଧର ତାଲବ୍ୟ ଉଚ୍ଚାରଣମୂଳକ ଭାଷା ଓଡ଼ିଆର ଦନ୍ତ୍ୟ ଉଚ୍ଚାରଣ ସଂଘର୍ଷରେ ଆସି ଯେ ପରିଣାମ ଲଭିଥିଲା, ତାହା ମଧ୍ୟ ଏଠାରେ ଉଲ୍ଲେଖଯୋଗ୍ୟ । ଓଡ଼ିଆର ଶବ୍ଦ ସ୍ୱତନ୍ତ୍ର ଓ ସ୍ୱର ସର୍ବଦା ସ୍ପଷ୍ଟ । ଏହା ବରଂ ଉତ୍ତର ଉତ୍କଳ ଓ ଦ୍ରାବିଡ଼ ଶୈଳୀ ।

Digitized by srujanika@gmail.com

ଭାରତର ସର୍ବତ୍ର ଏହି ପ୍ରାଚୀନ ଶୈଳୀ ଲକ୍ଷ୍ୟ କରାଯାଇ ପାରେ । କାଳକ୍ରମେ ସଂସ୍କୃତର ଗୁରୁତ୍ୱପୂର୍ଣ୍ଣ ପ୍ରଭାବରେ, ପୁଣି କଦାଚିତ୍ ଦୀର୍ଘ ଉଚ୍ଚାରଣର ସଂଗତି ରକ୍ଷାରେ, ଅନ୍ତ୍ୟସ୍ୱର ଓ କେତେକ ମଧ୍ୟବର୍ତ୍ତୀ ସ୍ୱରର ଉଚ୍ଚାରଣ ଲୁପ୍ତ ହେଲା । ଲୋକରେ ମଧ୍ୟ ତେଣୁ ଭାଷା ଅବୋଧ ହୋଇ, ପୁଣି ନୂତନ କଂକାଳ ଉପରେ ବହୁକାଳ ଧରି ଲୋକଭାଷା ତିଆରି ହେଲା । ବିଭିନ୍ନ ପ୍ରାଦେଶିକତା ଭିତରେ ଲୋକ ସାହିତ୍ୟର ବିକାଶ ଜଟିଳ ହୋଇ ପଡ଼ିଲା । ବହୁକାଳ ଯଥାର୍ଥ ଲୋକ ସାହିତ୍ୟ ଫୁଟିଲା ନାହିଁ । ବିଶେଷରେ ଦ୍ରାବିଡ଼ ଭୂମିରେ, ଆର୍ଯ୍ୟ ପ୍ରଭାବ ପାଖେ ସଂକୋଚରେ ଦୂରରେ ରହି ଦ୍ରାବିଡ଼ ଭାଷା ନିଜର ଦୃପ୍ତ ସ୍ୱାତନ୍ତ୍ର୍ୟ ରକ୍ଷା କଲେ ମଧ୍ୟ, ବହୁକାଳ ଧରି ଯଥାର୍ଥ ଦ୍ରାବିଡ଼ ସାହିତ୍ୟର ଧାରା ଛିନ୍ନ ହେଲା । ସଂସ୍କୃତ ସାହିତ୍ୟର ଅତି ଦର୍ପରେ ଦ୍ରାବିଡ଼ ଲୁଚିଗଲା । ଶଂକର ରାମାନୁଜ ମାଧ୍ୱ ପ୍ରଭୃତି ଦ୍ରାବିଡ଼ ହେଲେହେଁ, ଦ୍ରାବିଡ଼ ସାହିତ୍ୟ ସେମାନଙ୍କଠାରେ ସ୍ପଷ୍ଟ ପ୍ରକାଶ ପାଇ ନାହିଁ । ସଂସ୍କୃତ ଛନ୍ଦ ଉପରେ ଯାହାର ପ୍ରଭାବ ପକାଇବାରେ ଶଂକରଙ୍କ ଦ୍ରାବିଡ଼ ଆତ୍ମା କପରି କେତେଦୂର ପ୍ରକାଶ ପାଇଥିଲା, ତାହାର ଅନୁସଂଧାନ ହୋଇ ନାହିଁ । ହେଲେହେଁ ଦ୍ରାବିଡ଼ ପୀଠରେ ଏଠାରେ ସମାଧାନର ଉଦ୍ୟମ ନୁହେ; ଏହା ବରଂ ସଂସ୍କୃତରେ ଦ୍ରାବିଡ଼ର ଅବଦାନ ଧାରା ପୁଷ୍ଟ କରିଚି ମାତ୍ର ।

କିଂତୁ ଓଡ଼ିଆର ଭାଷାଗତ ସାହିତ୍ୟଧାରା ସ୍ୱତନ୍ତ୍ର । ସଂସ୍କୃତରେ ଗ୍ରନ୍ଥ ଲେଖିବାରେ ଓଡ଼ିଆ ହୁଏତ ତାଦୃଶ ମନ ବଳାଇ ନାହାନ୍ତି । ବିଶ୍ୱନାଥ ଜମ୍ମୁ ରାଜ୍ୟରେ ପ୍ରବାସ କରି ସାହିତ୍ୟ-ଦର୍ପଣ ଲେଖିଥିଲେ । ସ୍ମୃତି ସବୁ ସଂସ୍କୃତରେ ଲେଖିବାର ବିଧି ଥିବାରୁ ବାଜପେୟୀ ପ୍ରଭୃତି ଅନ୍ୟଥା କରି ପାରି ନ ଥିଲେ । କପିଳ

Digitized by srujanika@gmail.com

ସଂହିତା ପ୍ରାଚୀ ମାହାତ୍ମ୍ୟ ପ୍ରଭୃତି ସ୍ପଷ୍ଟ ଓଡ଼ିଆ ପ୍ରାକୃତରୁ ସଂସ୍କୃତରେ ଅନୂଦିତ ଅନୁବାଦ । ସେଇପରି ଅନୁବାଦ ବା ଲୋକ ସାହିତ୍ୟର ସଂସ୍କୃତୀକରଣରେ ସ୍କନ୍ଦ ପୁରାଣାଦିରେ ଉତ୍କଳ ଖଣ୍ଡ ପ୍ରଭୃତି ପୁରାଣରେ ସ୍ଥାନ ପାଇଥିଲା । ଭାରତ ସାହିତ୍ୟର ଅନ୍ତରାତ୍ମା, ଜଗନ୍ନାଥ ପୂର୍ବ ପ୍ରାକୃତ ଦେବତା । ଦେଉଳତୋଳା ମୁଖରେ ପ୍ରଚଳିତ ପ୍ରାକୃତ କବିତା । ବିଶ୍ୱାବସୁ କନ୍ୟା ସେଥିରେ ଉତ୍କଳର ପ୍ରାକୃତ ଦୟିତା—ସ୍କନ୍ଦ ପୁରାଣର ନୀରସ ବନିତା ସେ ନୁହନ୍ତି । ସେଇପରି ସାରଳାଙ୍କ ମହାଭାରତ ମଧ୍ୟ ବ୍ୟାସଙ୍କ 'ଜୟ'ରୁ ବିକାଶ ପାଇଥିବା ମହାଭାରତ ନୁହେ—ଏହା ଯଥାର୍ଥରେ 'ହିମିଟି ବା ହିମାଣି ଖେଳରୁ ମହାଭାରତ' ।

ବହୁଶତାବ୍ଦୀ ବ୍ୟାପୀ ବୌଦ୍ଧ ଓ ଜୈନ ସାହିତ୍ୟ ଏ ଦେଶରେ କି ପ୍ରାକୃତ ଆଧାରରେ କିପରି ଫୁଟିଥିଲା, ପୁଷ୍ପଟିର ବିହାରରେ ଯୋଗତନ୍ତ୍ରର ବିଶିଷ୍ଟ ପରଂପରା କି ସଙ୍କେତରେ ଫୁଟିଥିଲା, ତାର କୌଣସି ସ୍ପଷ୍ଟ ଓ ସାବ୍ୟସ୍ତ ହେବାଭଳି ପ୍ରମାଣ ନିଦର୍ଶନ ମିଳି ନାହିଁ, ମାତ୍ର ଦେଉଳତୋଳା ଓ ମହିମାଧର୍ମ ପରି ଯେଉଁ ବ୍ରତ ଓ ଅନୁଷ୍ଠାନମାନ ରହିଛି, ତାଭିତରେ ଓଡ଼ିଆ ନିଷ୍ଠାରେ ଖୋଜିଲେ, ଅନ୍ୟ ନିଦର୍ଶନ ବିନା ମଧ୍ୟ ଭାଷାରେ ଓଡ଼ିଆ ସାହିତ୍ୟର ପୁରାଣ ପରଂପରା ଆଦିମକାଳରୁ ପୁଣି ଆଖି ଆଗରେ ପ୍ରକଟି ଉଠିବ । ଶବ୍ଦମାନଙ୍କର ପ୍ରକୃତ ପରିଣାମ ମଧ୍ୟ ଏ କ୍ଷେତ୍ରରେ କମ୍ ସାକ୍ଷ୍ୟ ଦେବନାହିଁ ।

ଓଡ଼ିଆ ଆର୍ଯ୍ୟଭାଷା ଗ୍ରହଣ କରି ଭାରତୀୟତା ତଥା ମାନବୀୟତାରେ ନିଜର ଉପଯୋଗିତା ଦେଖାଇଛି; ହୁଏତ ଆର୍ଯ୍ୟପ୍ରଭାବର ଶକ୍ତିରୋଧ କରି ନ ପାରି ଏହା କରିଛି, ମାତ୍ର ଏ ସତ୍ତ୍ୱେ ଓଡ଼ିଆ ପ୍ରାକୃତ ପରି ଯଥାର୍ଥ ପ୍ରାକୃତ ଭଉଁରି ଭାରତରେ

Digitized by srujanika@gmail.com

କଦାଶତ୍ ପ୍ରକାଶ ପାଇଛି । ମହାରାଷ୍ଟ୍ରୀ ତଥା ଗୁଜରାଟୀ, ଭାଷାରେ କେତେକ ସ୍ୱାତନ୍ତ୍ର୍ୟ ଦେଖାଇ ପାରିଥିଲେ ମଧ୍ୟ, ଏ ସ୍ୱତନ୍ତ୍ରତା ଭିତରେ ଭାବର ସ୍ୱାତନ୍ତ୍ର୍ୟ ସେମାନଙ୍କର ପ୍ରକାଶ ପାଇନାହିଁ । ବଂଗ ଓ ବିହାର ପ୍ରଭୃତି ପୂର୍ବଭାରତ ଭୂମିରେ ସେହିପରି ଭାବର ସ୍ୱାତନ୍ତ୍ର୍ୟ ଥିଲେ ମଧ୍ୟ, ଭାଷାରେ ସ୍ୱାତନ୍ତ୍ର୍ୟ ବହୁକାଳୁ ଲୋପ ପାଇଛି । ଓଡ଼ିଆ କିନ୍ତୁ ଏ କ୍ଷେତ୍ରରେ ମଧ୍ୟ ଦ୍ରାବିଡ଼ ଓ ଆର୍ଯ୍ୟାବର୍ତ୍ତର ସଂଯୋ-ଭୂମିରେ ଦୁଇଟି ସ୍ୱାତନ୍ତ୍ର୍ୟ ଘେନି ସ୍ୱାଧୀନ ସମାଧାନରେ ନିଜର ଆତ୍ମପ୍ରତିଷ୍ଠା ଠିକ୍ ରଖିଛି । ଓଡ଼ିଆଭାଷା ମୂଳରୁ ଗୁରୁସ୍ୱରହୀନ । ଉଚ୍ଚାରଣ ଭିତରେ ଓଡ଼ିଆ ନିଜର ମୌଳିକ ଦର୍ଶନ ଓ ସାଧନା ଯେପରି ଫୁଟାଇଥିଲେ, ତାହା ଅନନ୍ୟସାଧାରଣ । 'ନିରାକାର'କୁ 'ଅଣାକାର', ପୁଣି ନ ଜପି ଜପ ହୋଇଯାଉଥିବା ମନ୍ତ୍ରକୁ 'ଅଜପା' ପ୍ରଭୃତି ଶବ୍ଦରେ ପ୍ରକାଶ କରିବାର ବିଶିଷ୍ଟତା ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ । ସଂସ୍କୃତରେ ହଂସ ହେଉଛି ସୂର୍ଯ୍ୟ, ଓ ପରେ ଆତ୍ମା । ଶୂନ୍ୟବାଦ ଦର୍ଶନରେ ସୂର୍ଯ୍ୟ ନାହିଁ କି ଆତ୍ମା ନାହିଁ । ମାତ୍ର ଅଛି ହଂସ । ଏହା ମଧ୍ୟ ସାଧନାର ତତ୍ତ୍ୱ । ଶ୍ୱସନକ୍ରିୟାରେ ପ୍ରାଣବାୟୁ ଭିତରକୁ ଯିବା ହେଉଛି 'ହଂ' ଓ ଆସିବା ହେଉଛି 'ସଃ'— ଏଇପରି ପ୍ରାଣର ଅଜପାରେ ହଂସ ସାଧନା ପ୍ରକାଶ କରି ଓଡ଼ିଆ କିପରି ସଂକୋଚରେ ମଧ୍ୟ ଆତ୍ମପ୍ରତିଷ୍ଠାର ମୌଳିକତା ଦେଖାଇ-ଚନ୍ତି, ତାହା, ବିଶେଷ ଉଦାହରଣ ଦେଇ କହିବାର ଅବକାଶ ଏଠାରେ ନ ଥିଲେ ମଧ୍ୟ, ଏହି ସୂଚନା ମାନରୁ ସହଜରେ ଗମ୍ୟ ।

ଏହିପରି ଓଡ଼ିଆ ସର୍ବଦା ନିଜ ଭାଷାରେ ନିଜର ସାହିତ୍ୟ ପ୍ରକାଶ କରିଥିଲେ । ଲୋକେ ବୁଝିବାହିଁ ତାହାର ଭାଷା ପ୍ରକାଶର ଏକମାତ୍ର ପ୍ରାଣ ଥିଲା । ସିତେସ୍ତୁ, କକାସ୍ତୁ ପ୍ରଭୃତି ଲେଖିବାରେ ମଧ୍ୟ

Digitized by srujanika@gmail.com

ସାରଳାଦାସ ସଂକୁଚିତ ହୋଇନାହାନ୍ତି । ଗତ ଶତାବ୍ଦୀର କୃଷ୍ଣସିଂହ ମଧ୍ୟ ଶ୍ଳୋକବୋଧ ଭାଷାରେ ଅନୁବାଦ କରିଛନ୍ତି—

ଅର୍ଜୁନ ତନୟ ସେ ଯେ ଶ୍ରୀକୃଷ୍ଣଙ୍କ ଭଣଜା
ବଢ଼ି ଆସୁଛନ୍ତି ଯେସନେ ଶାଳଗଜା ।

ଅନ୍ୟତ୍ର, ଗାଣ୍ଡୀବଧନୁ ଆକର୍ଷି ବନ୍ଧିଲେ କଷ୍ଟି
ଦେଖି ଯୋଦ୍ଧାମାନଙ୍କର ଗଲ୍ପ ଗାଣ୍ଡି ଫାଟି ।

ଭାଷାର ଶିଳ୍ପରେ ମଧ୍ୟ ଓଡ଼ିଆର ଏଇ ବିଶେଷ ପ୍ରାଣତା ଓ ପରଂପରା ଦେଖିବାର ଅଛି । ଛନ୍ଦ ଏ କ୍ଷେତ୍ରରେ ଗୋଟିଏ ବିଶିଷ୍ଟ ଉଦାହରଣ । ଓଡ଼ିଆର ଗୁରୁସ୍ୱରହୀନତାରେ ସଂସ୍କୃତ ଛନ୍ଦର ଦୁଇ ତିନି ଓ ଗୁରୁ ସ୍ୱର ବିଶିଷ୍ଟ ଅକ୍ଷରର ପାଦ ନିୟମ ସଂଗେ ସଂଗୀତର ସ୍ୱର ଶିଳ୍ପ ଶୈଳୀ ମିଶାଇ, ଓଡ଼ିଆ ଛନ୍ଦର ସୃଷ୍ଟି କରି ଭାବର ପ୍ରକୃତ ଓ ପ୍ରକାର ପ୍ରକାଶ କରିବାରେ ତାହା ଯେପରି ବ୍ୟବହାର କରିଛନ୍ତି, ଅନ୍ୟ କୌଣସି ଦେଶୀ ଭାଷାରେ ତା ଦେଖାଯାଏ ନାହିଁ । ଏହାର ଶିଳ୍ପ ମାଧୁରୀ ଓଡ଼ିଆ ମାତ୍ରକେ ଅନୁଭବରେ ଜାଣନ୍ତି । ଏଇ ଛନ୍ଦ ସୂତ୍ରରେ ସଂସ୍କୃତ ଶବ୍ଦକୁ ଯେପରି ଓଡ଼ିଆରେ ମୁକ୍ତ ଓ ପ୍ରାକୃତିକ ଭାବରେ ଓଡ଼ିଆର ନିଜ ସମ୍ପତ୍ତି କରାଯାଏ, ତା'ର ଉଦାହରଣ ଦେବାପାଇଁ ଏଠାରେ କ୍ଷେତ୍ର ନାହିଁ । ମାତ୍ର ସାମାନ୍ୟ ଅନୁସଂଧାନରେ ଏହା ସ୍ପଷ୍ଟ ବୁଝାଯିବ । ଓଡ଼ିଆ ଛନ୍ଦର ବିଜ୍ଞାନ ଏବେ ସମ୍ୟକ୍ ଆଲୋଚିତ ହୋଇ ନାହିଁ । ମାତ୍ର ଏହାର ମୌଳିକ ବିକାଶ ଓ ପରଂପରା ଅତୀବ ବିସ୍ମୟକର । ଏଥିରେ ସଂସ୍କୃତ ଛନ୍ଦର ମୂଳ ଅକ୍ଷର ନିୟମକୁ, ଦ୍ରାବିଡ଼ ସଂଗୀତ ଓ ଗୁରୁସ୍ୱରହୀନତା ତଥା ଯତିର ପ୍ରାଣ ପ୍ରକାଶରେ ଯେପରି ଓଡ଼ିଆ ଲୋକ ଭାଷା ପୀଠରେ ସ୍ଥାପନ କରାଯାଇଛି, ତାହା ସାହିତ୍ୟର ଆଲୋଚନାରେ ଏକାନ୍ତ ଉପାଦେୟ । ଉଦାହରଣ ସ୍ୱରୂପ, ଜୟ-

Digitized by srujanika@gmail.com

ଦେବ ଓଡ଼ିଆ କି ନୁହନ୍ତି. ଏହା ହେଲେ ତାଙ୍କ ଜନ୍ମସ୍ଥାନ ଓ ଷଠିଘର ଖୋଳ କରିଡ଼ ଦେଖିବା ପୂର୍ବରୁ ଗୀତଗୋବିନ୍ଦରେ ଏଇ ଛନ୍ଦମୂଳକ 'ଯାତ'ର ପ୍ରକାଶ ମାତ୍ର ଦେଖିଲେ, କଥାଟିର ତାତ୍ତ୍ୱିକ ଓ ବିଜ୍ଞାନ ସମ୍ମତ ଆଲୋଚନା ସହଜ ଓ ସୁଗମ ହେବ ।

କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ
କି ହେଲେ ଯିବୁ ତୋର ଛୁଟିଲେ ଘଣ୍ଟ

ସଙ୍ଗେ, ନିଃଶବ୍ଦେ ଜୀବନସ୍ରୋତ ଧାଉଁଛି କିପରି ?
କି ବେଗରେ ଯାଉଅଛି ଗଳି
ସେହି ସ୍ରୋତ ସଂଗେ ଭାସି
ଜୀବନର ସୁଖ ରାଶି, ଇତ୍ୟାଦି

ତୁଳନା କଲେ ଭାବ ଭାଷା ଓ ପ୍ରକାଶ ଶୈଳୀରେ ମୌଳିକତା ଓ ସ୍ୱାତନ୍ତ୍ର୍ୟର ଆଭାଷ ମିଳିବ । ପ୍ରଥମଟିରେ ଗୃହୀତ ଭାବ ନିଜର କରି ପ୍ରକାଶ କରାଯାଇଛି ; ଦ୍ୱିତୀୟଟିରେ ଭାବ ଗ୍ରହଣ କରି ନିଜର କରିବାର ଉଦ୍ୟମ କରାଯାଇଛି ମାତ୍ର ।

ଏଠାରେ ଏତିକି ମାତ୍ର କ୍ଷୀଣ ସୂଚନା ଦିଆଗଲା । ଭାଷା ଓ ସାହିତ୍ୟର ମୂଳ ଗତି ଓ ନିୟତି ଅନୁସଂଧାନ କରିବାରେ ଏହା ଇଂଗିତ୍ ବାଟ ଦେଖାଇପାରେ । ମାତ୍ର ଏ ସବୁର ଯଥାର୍ଥ ଆଲୋଚନା ସାହିତ୍ୟ ସମାଜର ବିଶେଷ କାର୍ଯ୍ୟ । ଏଥିରେ ଆତ୍ମପ୍ରତିଷ୍ଠାର ଭାବ ଆସିଲେ ବିକାଶର ପନ୍ଥା ସ୍ପଷ୍ଟ ଓ ସୁଗମ ହେବ ।

ଏଇଠାରେ କହିବାର ଅଛି, ଆଶାଶୀଳତାହିଁ ଭବିଷ୍ୟତ୍ ନିୟତିର ଯଥାର୍ଥ ପଥନିର୍ଦ୍ଦେଶକ । ଆଶାଶୀଳତା ହରାଇଲେ ଜୀବନ ଦୁର୍ବିସହ, ଓ ଗତି ଅସ୍ୱାଭାବିକ ହୁଏ—ହୁଏତ ଫଳରେ ବ୍ୟକ୍ତିତ୍ୱ ଲୀନ ହୋଇପାରେ । ତେଣୁ ଆଜି ନିରାଶାର ଅନ୍ଧକାରରୁ ଦେଖାଇ

Digitized by srujanika@gmail.com

କିଛି କହିବାର ନୁହେଁ । ମାତ୍ର ଏବର ସାହିତ୍ୟ ଗତିରେ ଓଡ଼ିଆର ଭ୍ରାନ୍ତି ଓ ଦଙ୍ଗ୍ ମୋଡ଼ ଦେଖାଇ ତାହା ନିରାକରଣ କରିବା ଉଦ୍ଦେଶ୍ୟରେ ଯଦେ ଅଧେ ଏଠାରେ କହିବା ଦରକାର ମନେହୁଏ । ରୋଗ ଦେଖାଇ ସେ ରୋଗ ଶକ୍ତି ପ୍ରତିକାର କରିବା ଉଦ୍ଦେଶ୍ୟରେ ତାହା କୁହାଯିବ, ଅତ୍ୟନ୍ତ କ୍ଷୀଣ ସୂଚନାରେ ମାତ୍ର ରୋଗର ନିଦାନ ଓ ନିରାକରଣ ପ୍ରତି ଲକ୍ଷ୍ୟ କରାଯିବ । ମୃତ୍ୟୁର ଭୟ ଦେଖି ସେଥିରେ ଚମକି ପଡ଼ିଲେ ଚଳିବ ନାହିଁ । ପୁଣି ରୋଗକୁ ବେଖାତିର କରି ସୁସ୍ଥ ପ୍ରତିବେଶୀର ଚାଲ୍‌ଚଲଣି ଅନୁକରଣ କରି ବସିବା ମଧ୍ୟ ସ୍ୱାସ୍ଥ୍ୟପ୍ରାପ୍ତିର ଲକ୍ଷଣ ନୁହେଁ, ଏହା ମଧ୍ୟ ମନେ ରଖିବାର ଅଛି ।

ବଳଦର୍ପୀର ଅଭିଯାନଗତ ବିଜୟରେ ସମାଜ ମରେ ନାହିଁ । ସାହିତ୍ୟ ପ୍ରଭାବିତ ହୋଇ ବ୍ୟକ୍ତିତ୍ୱ ଓ ମୌଳିକ ଉପଯୋଗିତା ହରାଇଲେ ସମାଜ ମରିଯାଏ । ଓଡ଼ିଆ ସହସ୍ର ସହସ୍ର ବର୍ଷ ଧରି ନାନାଭାବରେ ବିଜିତ ହୋଇ ମଧ୍ୟ ସାହିତ୍ୟରେ ସମାଧାନ ମଧ୍ୟରେ ଉପରି ଆତ୍ମବତ୍ତା ଦେଖାଇ ଆସିଛି, ତାହା ଇଙ୍ଗିତ୍ ଆଭାସରେ କୁହାଯାଇଛି । ମାତ୍ର ଏବେ ଅବସ୍ଥା ବଦଳିଛି, ଓ ସଂଗେ ସଂଗେ ଓଡ଼ିଆ ଆତ୍ମପ୍ରତିଷ୍ଠା ହରାଇବା ଭଳି ଲକ୍ଷଣମାନ ପ୍ରକାଶ କରୁଥିବା ବଡ଼ ଆଶଂକାର କଥା । ଅନ୍ୟ ସାହିତ୍ୟ ଆହରଣ ନ କରି ଅନୁକରଣ କରିବାର ବିଶେଷ ଦେଖାଯାଉଛି ; ଏହା ଲୋକରେ ପ୍ରବେଶ କରୁ ନାହିଁ, କଲେ କୁହକ ପରି ଲୋକଙ୍କୁ ଭୁଲାଇ ଦେଇ କ୍ରମେ ଯେପରି ସ୍ୱକୀୟତାହୀନ କରି ଅବସ୍ଥାର କ୍ରୀଡ଼ନକରେ ପରିଣତ କରୁ ନହେଉଛି ।

ଯେଉଁମାନେ ଏ ସମାଜର ପୁଣ୍ୟ ପୀଠରେ ଶୁଭ ପକାଇ ଥିଲେ, [illegible]ମାନେ ବା ପ୍ରାଣର ବ୍ୟାକୁଳତାରେ ଏହାକୁ ଧରି

Digitized by srujanika@gmail.com

ରହିଛନ୍ତି, ସେମାନେ ପରଂପରାର ସୂଚନା ଧରି ପ୍ରାଣ ପ୍ରତିଷ୍ଠାରେ ଲାଗିଛନ୍ତି, ସଂଦେହ ନାହିଁ । କିନ୍ତୁ ଏ ଯୁଗରେ ସାହିତ୍ୟର ବିସ୍ତାର ଓ ମାନବ ସମାଜର ବହୁମୁଖୀ ବିକାଶର ଦୀପ୍ତିରେ ଗୌଣତ୍ୱ ମନୋଭାବାପନ୍ନ ସମାଜର ଆଖି ଝଲସି ଯିବା ଅସ୍ୱାଭାବିକ ନୁହେଁ । ଅସ୍ୱୀକାର କରିବାର ନାହିଁ, ଓଡ଼ିଶା କେତେକ ଶତାବ୍ଦୀ ଧରି ନାନା କାରଣରୁ ଏହି ଗୌଣତ୍ୱ ମନୋଭାବର ବିକାର ଦେଖାଇ ଆସିଛି । ବୈଷ୍ଣବ ଧର୍ମ ପାଖେ ନିଜର ମନୁଷ୍ୟତା ସ୍ପଷ୍ଟ ପ୍ରକାଶ କରି ସ୍ଥିତ ଠିକ୍ ରଖି ପାରି ନାହିଁ । ତନ୍ତ୍ରର ଅପସ୍ତୃର ସମାଜର ଉଚ୍ଚ ସ୍ତରରେ ପ୍ରବେଶ କରିଛି । ସେ ତନ୍ତ୍ର ପୁଣି ଓଡ଼ିଆର ତନ୍ତ୍ର ନୁହେଁ । ପରଂପରାର ବିକାଶରେ ଫୁଟିଥିବା ମହିମା ଧର୍ମ ଭିତରେ ଆଜି ବୈଦିକ ଆଦର୍ଶ ଅର୍ଥ କରି ଦେଖାଇବାର ଉଦ୍ୟମ ହେଉଛି । ଜଗନ୍ନାଥରେ ଅସ୍ପୃଶ୍ୟ ପ୍ରବେଶ ନିମନ୍ତେ ରାଜା ମହନ୍ତମାନଙ୍କର ଆଭିମୁଖ୍ୟ ପରୀକ୍ଷା କରା ହେଉଛି । ଏସବୁ ରୋଗ କ୍ରମେ ଜୀର୍ଣ୍ଣ ହେଉଛି । ଜୀର୍ଣ୍ଣ ବା ବିଷମ ଜ୍ୱର ପରି ବେଳେ ବେଳେ ଏହାର ପ୍ରକୋପରେ ଓଡ଼ିଆ ମନୁଷ୍ୟତା ଓ ବ୍ୟକ୍ତିତ୍ୱର ଅନ୍ତଃସ୍ଥଳ ପର୍ଯ୍ୟନ୍ତ ପ୍ରକଂପିତ ହେବାର ଦେଖା ଯାଉଛି । ଏହି ପ୍ରକମ୍ପର ପରଂପରା ମଧ୍ୟ ପଡ଼ି ଯାଉଛି । ଅବନୀନ୍ଦ୍ରଙ୍କ ଚିତ୍ର କଳାରେ ବିଭବ ନ ମିଶାଇ ଓଡ଼ିଆ ତାକୁ ଇ ବିଡ଼ମ୍ବନାରେ ଅନୁକରଣ କରି କୃତିତ୍ୱ ଦେଖାଇବାର ଉଦ୍ୟମ କରୁଛନ୍ତି । କେଉଁଦିନ ବଂଗଳାର ନୂତନ ଯୁଗରେ ବଙ୍କିମ ଜନ୍ମିଥିଲେ । ଆଜି ତାହାର ପରିଣତିରେ ହୁଏତ 'ଶେଷ ପ୍ରଶ୍ନ' ଫୁଟିଛି—ବହି ଷ୍ଟଲରେ ରେଲରେ ଶତ ଶତ ଉପନ୍ୟାସ ବିକ୍ରୀ ହେଉଛି । ଓଡ଼ିଶାରେ ତାହାରି ଅନୁକରଣ ଛଡ଼ା ଆଉ କିଛି ନୂତନତ୍ୱ ପ୍ରାୟ ଦେଖାଯାଉ ନାହିଁ । ଓଡ଼ିଆ ମୌଳିକ ଆଲୋଚନା ପ୍ରାୟ କରୁ ନାହାନ୍ତି । ଭାଷାରେ

Digitized by srujanika@gmail.com

କେଉଁ ଦିନ 'ବୋଧୋଦୟ'ରେ ବିଦ୍ୟାସାଗର 'ଏବଂ ଓ ସୁତରାଂ' ପର୍ଯ୍ୟନ୍ତ ଭିନ୍ନ ଅର୍ଥରେ ଭର୍ତ୍ତି କରିଥିଲେ, ତାହା ଆଜି ଓଡ଼ିଆଙ୍କ ସଂପଦ । ବଙ୍ଗଳାରେ ବାଲ ଶବ୍ଦ ଅଶ୍ଲୀଳ, ଓଡ଼ିଶାରେ ସର୍ବଦା ତାହା ନୁହେ । ଜଗନ୍ନାଥଙ୍କର ବାଲଭୋଗ ଅଛି, ଯାହାଙ୍କଠାରେ ମାମାନେ ପିଲାଙ୍କ ବାଲ ପକାନ୍ତି । ତଥାପି ସେକାଳେ ମଧ୍ୟ ନିମାଇବଲ୍ଲଭ ଭଟ୍ଟାଚାର୍ଯ୍ୟ ସର୍ବସାର ବ୍ୟାକରଣରେ ଅଶ୍ଲୀଳତା ଦେଖାଇବାକୁ ଯାଇ ଉଦ୍ଧାର କରିଥିଲେ—

'କରେ କରବାଲ ପଣ ସମରେ'

ଭାଷାର ଉଚ୍ଚାରଣରେ ସ୍ପଷ୍ଟ ଶୈଳୀ ବ୍ୟକ୍ତିତ୍ୱ-ବୋଧର ଗଣନାରେ ନ ଆଣି ବିଶ୍ୱପଣ୍ଡିତ ଓ ବିଶ୍ୱକବି ରବୀନ୍ଦ୍ରଙ୍କ କଥା ଛନ୍ଦ ପର୍ଯ୍ୟନ୍ତର ବିଡ଼ମ୍ବନାର ବିକାରରେ ଭାଷା ଓ ସାହିତ୍ୟର ବିକାଶ ଧାରାରେ ଘୋର ଆଘାତ କରାଯାଉଛି । ପରଂପରା ଓ ପରିସ୍ଥିତି ଗଣନାରେ ବିକାଶର ଉଦ୍ୟମ ନ କରି ରାଜନୀତି ଅର୍ଥନୀତି ସମାଜ ସ୍ଥିତି ପ୍ରଭୃତି ସର୍ବଦା ଜନସମାଜ ଉପରେ କୁହୁକ ଲଗାଇ ଅଦାଲତର କୃତ୍ରିମ ନିର୍ଣ୍ଣୟରେ ଓଡ଼ିଆର ପ୍ରାଣ ତଥା ଉପଯୋଗିତାରେ ଭ୍ରାନ୍ତି ଜନ୍ମାଇ ଆପାତଫଳର ଅପେକ୍ଷାରେ ସଂଶୟର ଅପଚୟ ଓ ଅର୍ଜିତର ଅପଚାର କରାହେଉଛି । କୌଣସି କ୍ଷେତ୍ରରେ ଲୋକ-ସାହିତ୍ୟ ଫୁଟୁ ନାହିଁ ।

ବିଶ୍ୱସାହିତ୍ୟର ବିକାଶରେ ବିଭ୍ରାନ୍ତ ହୋଇ ଓଡ଼ିଆ ଆଜି ସାମାନ୍ୟ ଅନୁବାଦ ପର୍ଯ୍ୟନ୍ତରେ ମଧ୍ୟ ଆହରଣର ଲକ୍ଷଣ ଫୁଟାଇବାରେ ଅକ୍ଷମ ହୋଇପଡ଼ୁଛି । ଇଂରେଜୀରେ Love ବା ନାରୀ ପୁରୁଷର ଅନୁରାଗକୁ ବଙ୍ଗାଳୀ 'ଭାଲୋବାସା' ବୋଲି ଅନୁବାଦ କରନ୍ତି । ହୁଏତ ବଙ୍ଗାଳୀ ତାହା ନିଜ ଭଣ୍ଡାରରୁ ଖୋଜି ଆହରଣରେ ଲଗାଇଥିଲେ, କିମ୍ବା ବହୁକାଳରୁ ସାହିତ୍ୟରେ

Digitized by srujanika@gmail.com

ମିଶାଇ ଦେଇଚନ୍ତି । ମାତ୍ର ଓଡ଼ିଆ ସେଥିପାଇଁ ଏବେ 'ଭଲବାସିବା' ବ୍ୟବହାର କରନ୍ତି । ଦୀନବନ୍ଧୁ ମାଲତୀକୁ ଭଲ ବାସିଲା, ଏ କଥାର ଅର୍ଥ ଓଡ଼ିଆ କଣ ବୁଝେ ? ହୁଏତ ଦୀନବଂଧୁ ବାସ୍ନା ତେଲ ଲଗାଇ-ଥିବା ଅର୍ଥ ଏଥିରେ ଯେ ଅଛି ଓଡ଼ିଆ ଲେଖକ ତା ବୁଝନ୍ତି ନାହିଁ । ଉପେନ୍ଦ୍ରଭଂଜ ଠିକ୍ ଏଇ ଭାବ ପ୍ରକାଶ କରିବାକୁ ଛଟପଟ ହୋଇ ଲେଖିଥିଲେ—

ପ୍ରାଣରୁ ଅଧିକ ଯେଉଁ 'ଧେନାଧେନ' ।

ଯେଉଁ ସାହିତ୍ୟର ଭାଷା ଧନେ ଅଳ୍ପ ସଂକୋଚରେ ମଧ୍ୟ ବିଧବା ବିବାହକୁ 'ଥିଆ ଥୋଇ'ରେ ଧୋଡ଼ାଇ ଦେଇ ଆତ୍ମବଣ୍ଠ ପ୍ରକାଶ କରିଥିଲା, ଏହି ପ୍ରକାର ଅନୁରାଗ ପାଇଁ 'ଧେନାଧେନ' ତାହାରି ସୃଷ୍ଟି । ମାତ୍ର 'ଭଲ ପାସିବା' କଥାଟିରେ ସୃଷ୍ଟିର ନୂତନତା ନାହିଁ, ଭ ପରିସ୍ଥିତିର ସଂଗତ ନାହିଁ । ସେଇ ଅନୁକ୍ରମେ ସୁଖ ପାଇବା, ଦେଖି ପାରିବା ପାଇଁ, ଭଲ ପାଇବା ଆଜ୍ଜ ସମାଜର ଉପର ସ୍ତରରୁ ଖସି ଭର୍ତ୍ତି କରା ହେଉଚି । Charitable dispensary କୁ ଅନୁବାଦ କରାହେଉଚି 'ଦାତବ୍ୟ ଚିକିତ୍ସାଳୟ' । ଯଥାର୍ଥରେ ଏହା ହୁଏତ ହୁଅନ୍ତା 'ଧର୍ମାର୍ଥ ଔଷଧାଳୟ' । ଦାତବ୍ୟ ଚିକିତ୍ସାଳୟ କଥାଟି ବରାବର ନୂଆ । ଓଡ଼ିଆ ତାହା ନ ବୁଝାଇଲେ ବୁଝିବ ନାହିଁ । ତେବେ ସ୍ଥଳ ବିଶେଷରେ ଏଇପରି ଘୋର ନୂତନ ଭାବର ଆହରଣରେ ଏପରି ନୂଆ ଶବ୍ଦ ଯେ ତିଆରି କରି ଭର୍ତ୍ତି କରିବା ଦରକାର ହେବ ନାହିଁ, ଏହା କେହି କହିବେ ନାହିଁ । ମାତ୍ର ପରିସ୍ଥିତିରେ ସଂଗତ ନ ଦେଖି ଏପରି କରିବା ବିକାଶ ଧର୍ମ ନୁହେ । ଦାତବ୍ୟ କଥାଟି ପୁଣି ଏ ଅର୍ଥରେ ଓଡ଼ିଆର ପ୍ରାଣ ପ୍ରକାଶ କରୁ ନାହିଁ । ଦୟା ପର ଦାନରେ ଯେଉଁ ଅହଂକାରର କରାଳ ସ୍ପର୍ଶ ପ୍ରଚ୍ଛନ୍ନ ରହିଚି, ତା ଜଗନ୍ନାଥ ଧର୍ମୀ ଓଡ଼ିଆ ପ୍ରାଣରେ ସ୍ୱାଭାବିକ ଭାବରେ ଫୁଟିବାର

Digitized by srujanika@gmail.com

ନୁହେ । ଦାନ ମାନବର ଧର୍ମ ; ତେଣୁ ଏହା 'ଧର୍ମାର୍ଥ' । ଏଇ ଅର୍ଥରେ ଏ କଥାଟି ଓଡ଼ିଆର ସୁପରିଚିତ । ସେଇପରି ତତ୍ତ୍ୱ ନେବା, ଯତ୍ନ ବା ଆଦର କରିବାପାଇଁ 'ଯତ୍ନ ନେବା'; 'ନାରଖାର' ପାଇଁ 'ଘରଖାର', କାନ୍ଦ ବୋବାପାଇଁ 'କନ୍ଦା କଟା'; ଏକାବେଳକେ ବା ଏକାବେଳେ ପାଇଁ 'ଏକ୍କେବାରେ'; 'ଠିକ୍' ପାଇଁ 'ସଠିକ୍'; ହୁତ୍ ହୁତ୍ ପାଇଁ 'ଧୂ ଧୂ', 'ହୁ ହୁ' ପାଇଁ 'ହୁବହୁ'; 'ବିଭା ହେବା' ପାଇଁ ବିବାହ କରିବା; ସଂସ୍କୃତରେ ମଧ୍ୟ ଅରୁନ୍ତୁଦ ପାଇଁ 'ମର୍ମନ୍ତୁଦ;' ପ୍ରଭୃତି ବହୁତ ଉଦାହରଣ ଦିଆଯାଇ ପାରେ । ଏବେ ଲେଖାରେ ଏସବୁ ଭୀଷଣ ଭାବରେ ପ୍ରବେଶ କରି ଭାଷା ସଙ୍ଗେ ଭାବର ସାଧୁତା ଏକାବେଳକେ ନଷ୍ଟ କରି ଦେଉଛି । ମାତ୍ର ଏଇ କେତୋଟି ସୂଚନା ଛଡ଼ା ସେ ସବୁର ଆଉ ବିଶେଷ ଆଲୋଚନା ଏଠାରେ କରିବାର ନୁହେ ।

ଅନୁବାଦ କରଣୀୟ । ଘୋର ନୂତନତାର ଆମଦାନି ମଧ୍ୟ ଏକାନ୍ତ ଦରକାର । ତାହା ନ କରିବା ମଧ୍ୟ ମୃତ୍ୟୁର ଲକ୍ଷଣ । ଖିଆ କମିଯାଇଥିଲେ, ତାହାର ପରିମାଣ ବଢ଼ାଇବା ସ୍ୱାସ୍ଥ୍ୟ ଓ ପୁଷ୍ଟିର ଲକ୍ଷଣ ସଂଦେହ ନାହିଁ । ମାତ୍ର ରୋଗୀ ଯେପରି ପାଖରେ ଅନ୍ୟର ଖିରି ଖେଚେଡ଼ି ଦେଖି ବିକଳରେ ଖାଇ ମୃତ୍ୟୁ ଆଡ଼କୁ ଯାଏ, ସେପରି କରିବା ଠିକ୍ ନୁହେ । ସମସ୍ତ ଶରୀର ଦୃଷ୍ଟିରେ ଖାଦ୍ୟର ମାପ ନ ହେଲେ, ଆହରଣ ସର୍ବାଙ୍ଗରେ ଉପଯୋଗୀ ରସ ଦାନ ନ କଲେ, ତାହା ବ୍ୟର୍ଥ ; ଶରୀରକୁ ତାହା ବରଂ ଅଧିକ ଅସମର୍ଥ କରେ । ଏ କ୍ଷେତ୍ରରେ ପୁଣି ବଂଗଳା ଓ ଇଂରେଜୀର ଭାଷା ଓ ସାହିତ୍ୟରେ ଖିରି ଖେଚେଡ଼ି କମ୍ ବଢ଼ା ହୋଇ ନାହିଁ । ବୁଭୁକ୍ଷିତ ଓଡ଼ିଆ ତାକୁ ଦେଖି ଦେଖି ଦୁଇ ହାତରେ ଗାଉଁ ଗାଉଁ କରି ଖାଇଲେ ହୁଏତ ବେଶୀ ରୋଗୀ ହେବ । ଇଂରେଜୀ କଥା ପୁଣି

Digitized by srujanika@gmail.com

ସ୍ୱତନ୍ତ୍ର । ସେଠାକୁ ହାତ ବଢ଼ାଇଲାବେଳେ ନିର୍ବାଚନର ହୁଏତ ସ୍ୱତଃ ଅବକାଶ ଅଛି । ମାତ୍ର ଘରପାଖେ ବଂଗଳା ସାହିତ୍ୟ ଓ ଭାଷା ନିଜର ରନ୍ଧନଶାଳା ପର୍ଯ୍ୟନ୍ତ ଓଡ଼ିଆ ପାଇଁ ପିଠାଇଦେଇ ବସିଚନ୍ତି । ଓଡ଼ିଆ ଏଠାରେ ସାବଧାନ ହୋଇ ଆହରଣ କରନ୍ତୁ ।

ଆଜି ପୃଥିବୀର ଅନନ୍ତମୁଖୀ ବିକାଶ ବେଳେ ସ୍ଥାନେ ସ୍ଥାନେ ନବଭାବ ଓ ନୂତନ କ୍ରିୟା ଦୀପ୍ତ ହୋଇ ଜାଗିଉଠୁଚି । ଏ ଦୀପ୍ତି ପାଖେ ମଧ୍ୟ ଓଡ଼ିଆ ଚକ୍ଷୁଷ୍ମାନ୍ ହୋଇ ଆହରଣର ନିର୍ବାଚନରେ ବ୍ୟକ୍ତିତ୍ୱ ଠିକ୍ ରଖିବାର ଅଛି । ଏ ଯୁଗରେ ପୁଣି ରାଜନୀତିକ ପରାଧୀନତା ଓ ଅର୍ଥନୀତିକ ପ୍ରପୀଡ଼ନ, ପ୍ରତିକ୍ରିୟା ଓ ପ୍ରତିକ୍ରିୟାର ଅନୁକରଣରେ ନିର୍ବାଚନ-ଅନ୍ଧ ହୋଇ ଆହରଣ ଲୋଡ଼ିବାର ଭୀଷଣ ଶଂକା ରହିଚି । ପ୍ରାଚ୍ୟ ଓ ଭାରତୀୟ ସମାଜ ଧନେ ହୁଏତ ଏହିସବୁ ବିକ୍ଷୋଭରେ ଉଦ୍‌ବେଳିତ ବିଭ୍ରାନ୍ତ ହେଉ ନ ଥିଲା । ଆଜି ପୃଥିବୀର ପରିସ୍ଥିତି ବଦଳିଚି । ଏତେବେଳେ ଆହରଣରେ ଅମୃଦାନ୍ ହେବା ଓଡ଼ିଆ ପରି ସମାଜ ପକ୍ଷରେ ବଡ଼ ଦୁର୍ଘଟ ହୋଇ ପାରେ । ଏହା ମଧ୍ୟ ମନେ ରଖିବାର ଅଛି ।

ସାହିତ୍ୟରେ ସମାଜର ଯେଉଁ ବ୍ୟକ୍ତିତ୍ୱଟି ପ୍ରକାଶିତ ହୁଏ, ତାକୁ ସାଧାରଣ କଥାରେ କହନ୍ତି, ବିଦ୍ୟା । ବିଦ୍ୟାବନ୍ତ ଲୋକ ସମାଜର ପରିଚ୍ଛାୟକ, ତଥା କ୍ରିୟାତ୍ମକ । ଏଇ ବିଦ୍ୟାରେ ପରଂପରା, ପରିସ୍ଥିତି ଓ ପୁରସ୍କୃତି କ୍ରିୟାରେ ପ୍ରକାଶ ପାଏ । ମାତ୍ର ଏ ଯୁଗରେ—ବିଶେଷରେ ପରାଧୀନ ମନୋବୃତ୍ତିରେ—ଗୋଟିଏ ବିପଦ ଘୋଟି ଆସୁଚି—ପ୍ରକାଶ କରିବା, ବା ଦେଖାଇବା । 'ମୁଁ କିଏ ?' ଏହା ହୁଏତ କେହି ଭାବୁ ନାହିଁ । 'ମୋତେ କିଏ ଭାବୁଚନ୍ତି ?'—ଏଥିରେହିଁ ଯେପରି ବି ଦୃଷ୍ଟି ଅବଦ୍ଧ । ଏହା କିଂତୁ ମାନବ ବିକାଶ ଧର୍ମରେ ବଧୀର କୁହିମତା । ହେଲେହେଁ

Digitized by srujanika@gmail.com

ଏ କୃତିମଣ୍ଡାଟି ଅଜ୍ଜ ବିକାଶ ପାଇ ନାହିଁ । ଏହା ମଧ୍ୟ ମାନବିକ । ସମସ୍ତ ମାନବିକ ଜୀବବୃତ୍ତି, ବିକାଶରେ ଯେପରି ଶୃଂଖଳିତ ଓ ନିୟମିତ ହେବା ଉଚିତ ଏହା ମଧ୍ୟ ସେଇପରି ହେବାର କଥା । ଏହାକୁ ନିୟମିତ କରିବାରେ ଆଦର୍ଶ ହେଉଚି ପୁଣି ଉନ୍ନତ ବିଦ୍ୟାବତ୍ତା । ସଂକୋଚ ଛାଡ଼ି କୁହାଯାଇ ପାରେ ଅଜ୍ଜ ଓଡ଼ିଆ ସାହିତ୍ୟରେ ଏ ଆଦର୍ଶ ନାହିଁ । ପୃଥିବୀର ବିଦ୍ୟାଭଣ୍ଡାରରେ ଖାଲି ଆଖି ଢଉଆସ୍ତରେ ପଶିଲା ପରି ଓଡ଼ିଆ ହୁଏତ ପଶି ଯାଉଚନ୍ତି, ସୁନ୍ଦର ସୁନ୍ଦର ମାଲ ଆଣି ଦେଖାଇ ଦେଉଚନ୍ତି । ଏ ମାଲ ସୁନ୍ଦର କାହାପାଇଁ ? ନିଜେ ଲେଖି ଗଳ୍ପଟିଏ ବା କଳ୍ପନାଟିଏ କରି, ତାକୁ ପୁଣି ନିଜେ ଦେଖି ଓ ନିଜ ଭଲ ଲୋକଙ୍କ ମଧ୍ୟରେ ଦେଖାଇ ବୁଝାଇ ଆନନ୍ଦରେ ଗଦ୍‌ଗଦ ହେବାର ଉଦାହରଣ ଓଡ଼ିଆ ସାହିତ୍ୟ ରାଜ୍ୟରେ ବହୁତ ମିଳିବ । ସମାଲୋଚନା ଫୁଟି ନାହିଁ । ନିର୍ମାଣ ଓ ବିକାଶ ଅଲୋଚନାରେ ପ୍ରତିଷ୍ଠିତ ହୋଇ ନାହିଁ । ଓଡ଼ିଆ ରବୀନ୍ଦ୍ରଙ୍କ ଅନୁକରଣ କରନ୍ତି ସତ, କିନ୍ତୁ ରବୀନ୍ଦ୍ରଙ୍କ ପ୍ରକାଶ ଅନ୍ତରାଳରେ ବିଦ୍ୟାର ଯେ ପ୍ରତିଷ୍ଠା ଅଛି ତାହା କୌଣସି ଓଡ଼ିଆର ଦୃଷ୍ଟି ପରିସରକୁ ହୁଏତ ଆସି ନାହିଁ । ଫଳରେ ବୃଥା ଅହଂକାର ବଢ଼ୁଚି, ସମାଲୋଚନାର ସୂଚନା ପର୍ଯ୍ୟନ୍ତ ଅସହ୍ୟ ହେଉଚି, ଓ ଅଲୋଚନାରେ ଆଦାନ ପ୍ରଦାନର ପଦ୍ଧତି ଫିଟି ନାହିଁ । ଦେଖାଇବା ବା ଦେଖାଇ ହେବାର ପ୍ରବୃତ୍ତି କଗ୍ଣ ସଂକ୍ରାମକ ରୋଗ ପରି ସମାଜ ତଥା ସାହିତ୍ୟରେ ବ୍ୟାପି ଯାଉଚି । ଉଦାହରଣରେ ଏ ସବୁର ସୂଚନା ଦେବାକୁ ମଧ୍ୟ ଅଜ୍ଜ ମୋର ଆପଣମାନଙ୍କ ପରି ସୁଧୀ ମଣ୍ଡଳୀ ଆଗେ ସାହସ ହେଉ ନାହିଁ । ଏହା ସତ୍ୟ, କେବଳ ସତ୍ୟ ନୁହେ, ରୁଗ୍ଣ ସମାଜ ଓ ସାହିତ୍ୟର ସାନ୍ନିପାତିକ ଉପସର୍ଗ ବରଂ ଏଥିରେ ସ୍ପଷ୍ଟ । ଏ କଥା ଏତିକିରେ

Digitized by srujanika@gmail.com

ଥାଉ । ଅଶ୍ଳୀଳତାର ପୀଠରେ ଭର ଦେଇ ଏତିକି ମାତ୍ର କୁହା-ଯାଉଛି, ପୃଥିବୀର ଆଜି ଅନନ୍ତ-ମୁଖୀ ବିକାଶ ଦିନରେ ଓଡ଼ିଆ ଦେଖାଇବାର ପ୍ରବୃତ୍ତି ଗୁଡ଼ ଅନ୍ତର ଦେଖନ୍ତୁ । ନିଜେ ବିଦ୍ୟାବନ୍ତ ହୋଇ ସମାଜର ଆଦାନ ପ୍ରଦାନରେ ସେ ବିଦ୍ୟା ପ୍ରକାଶ କରନ୍ତୁ ।

ଆଉ ଗୋଟିଏ କଥା, ପ୍ରକାଶରେ ପରଂପରାର ଭିତ୍ତି ସଂଗେ ପରିସ୍ଥିତିର ସଂଗତି । ପରଂପରାର ଭିତ୍ତି ବିଷୟରେ ବହୁ ସୂଚନା ଦିଆଯାଇଛି । ଏହି ପରଂପରାହିଁ ପୁଣି ପରିସ୍ଥିତି ପ୍ରଭାବିତ କରେ, ଓ ଆଦର୍ଶ ବା ଯଥାର୍ଥ ବିଦ୍ୟାର ପୁରୋଦୃଷ୍ଟିରେ ସେହି ପରିସ୍ଥିତି ନିୟମିତ ହୁଏ । ଏହି ବିଦ୍ୟାର ପୁରୋଦୃଷ୍ଟିଟି କଣ ତାହା ସ୍ପଷ୍ଟ ଜାଣି ରଖିବା ଉଚିତ । ସାହିତ୍ୟ ସ୍ପଷ୍ଟତଃ ଭାଷାରେ ପ୍ରକାଶିତ । ସାହିତ୍ୟ କାହାପାଇଁ ? ତାର ଉପଯୋଗିତା କେଉଁଠାରେ ? ବର୍ଣ୍ଣୋଡ଼୍‌ସ ବା ଲେନିନଙ୍କ ଭାବଚ୍ଛଟା ଓଡ଼ିଆରେ ଦେଖାଇ ଦେଇ ସହରର ବନ୍ଧୁମାନଙ୍କ ଭିତରେ ପରସ୍ପରର ବାହାବା ନେଇ ଖୁସୀ ହେଲେ ସେ ଉପଯୋଗିତା ଫୁଟିଲା ନାହିଁ । ଓଡ଼ିଆଭାଷୀ ଜନ-ସାଧାରଣଙ୍କୁ ବିଦ୍ୟା ଦେବାକୁ ହେବ, ବିଦ୍ୟାର ପ୍ରଭାବରେ ନୈତିକ ପ୍ରଗତି ଆଡ଼କୁ ଟାଣିବାକୁ ହେବ । ଆଜି ରାଜନୀତି ସର୍ବଗ୍ରାସୀ, ଏ ରାଜନୀତିରେ ଲୋକଶାସନ ଫୁଟିଛି । ଏତେବେଳେ ପୁଣି ସାହିତ୍ୟର ତୁଳନାରେ ଏ ବିଭାବଟି ଦେଖାଇ ବୁଝାଇବା ଦରକାର ନାହିଁ ବୋଲି ମନେ ହୁଏ । ସାହିତ୍ୟ ଲୋକ ସାହିତ୍ୟ ହେଉ, କିଂବା ଏହି ଲୋକସାହିତ୍ୟ ନିୟମିତ କରିବାରେ ଯଥାର୍ଥ ଉପଯୋଗୀ ହେଉ । ଏହାଠାରୁ ବେଶୀ କହିବାର ଏ କ୍ଷେତ୍ରରେ ଆଉ ଅବକାଶ ନାହିଁ । ସେକାଳର ବିଦ୍ୟାବନ୍ତ ଜଗନ୍ନାଥ ନିଜର ପରିଷ୍କୃତ ଭାଗବତ କାହିଁକି ଶୃଂଖଳିତ ପ୍ରାଥମିକ ଶିକ୍ଷା ବିନା ଛାପାଖାନା ଡାକ ପ୍ରଚଳନ ଥାଇ ମଧ୍ୟ ଓଡ଼ିଆର ଘରେ ଘରେ ପ୍ରଚାର କରି

Digitized by srujanika@gmail.com

ପାରିଥିଲେ ? ଉପେନ୍ଦ୍ରଭଞ୍ଜ ପର ଅଭିଧାନମାନଙ୍କରେ ଲଭ୍ୟ ଶବ୍ଦ-ବହୁଳ ଲେଖାକୁ ଲକ୍ଷ୍ୟ କରି ଶିଳ୍ପାଗ୍ର କବି କାହିଁକି ଲେଖିଛନ୍ତି :—

ଗାଏ ଭୃମ୍ଭ ଗୀତ ସଖିରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା
ବଳେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ।

କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର 'ଗଳ୍ପଣି ତ ଗଳ୍ପ କଥା' ଠାରୁ 'ଭ୍ରୂକୁମାଳ ଭୁଜଙ୍ଗୀ' ପର୍ଯ୍ୟନ୍ତ କାହିଁକି ଆଜି ଓଡ଼ିଆର ଘରେ ଘରେ ସୁପରିଚିତ, ତାହା ଏ ସଂପର୍କରେ ଅନୁଧ୍ୟାନ କରିବାର ଅଛି ।

ସଙ୍ଗେ ସଙ୍ଗେ ସାହିତ୍ୟ ନିୟମିତ କରି ପୁରୋବୃଦ୍ଧି ଫିଟାଇବା ନିମନ୍ତେ ଯାହାକୁ ଉଚ୍ଚ ସାହିତ୍ୟ କହନ୍ତି, ତାହାର ମଧ୍ୟ ଆଲୋଚନା ଦରକାର । ପୃଥିବୀର ସମସ୍ତ ବିକାଶର ଆହରଣ ମଧ୍ୟ ସେଇବାଟେ ସମାଜରେ ପ୍ରବେଶ କରିବ । କିନ୍ତୁ ପ୍ରାଣ ଛାଡ଼ି ପିଣ୍ଡରେ ମାତିଲେ ସବୁ ପଣ୍ଡ ହେବ । ଅନୁବାଦ କରିବାକୁ ହେବ, ସମାଜ ଓ ସାହିତ୍ୟର ବିଶ୍ୱବିକାଶ ଧାରାରେ ଓଡ଼ିଆ ଖେତରେ ବୁଡ଼ା ପାଣି ମଡ଼ାଇ ରଖିବାକୁ ହେବ । ସମସ୍ତ ବିଭାଗ ଓ ବିଭାବରେ କିମ୍ବା ପରଂପରା ଫିଟାଇଦେବାକୁ ହେବ ଓ ତାହା ମନକୁ ଫିଟିପିବାର ବ୍ୟବସ୍ଥା ମଧ୍ୟ କରିବାକୁ ହେବ । କିନ୍ତୁ ସର୍ବଦା ମନେରଖିବାକୁ ହେବ ବିକାଶରେ ପୁରୁଷ ଆତ୍ମନିୟମିତ ପ୍ରକୃତି ବା ପରିସ୍ଥିତିର କ୍ରୀଡ଼ନକ ନୁହେ । ପ୍ରକୃତ ଓ ପରିସ୍ଥିତି ତାକୁ ଆକ୍ରମଣ କରେ ସଂଦେହ ନାହିଁ, କିନ୍ତୁ ସେ ଆକ୍ରମଣରେ ରୁଗ୍ଣ ହୋଇ ବା ସହିବାରେ ଅସମର୍ଥ ହୋଇ ଆତ୍ମସ୍ଥିତ ହରାଇଲେ ହୁଏ ମୃତ୍ୟୁ । ଆଦର୍ଶର ଦୃଷ୍ଟିରେ ସମସ୍ତ ପ୍ରକୃତି ଓ ପରିସ୍ଥିତିର ତାଡ଼ନାକୁ ସଂଯତ ଓ ନିୟମିତ କରି ଆତ୍ମବିକାଶ କରିବାହିଁ ବ୍ୟକ୍ତିତ୍ୱର ଧର୍ମ ।

Digitized by srujanika@gmail.com

ଆଜି ଏ ସାହିତ୍ୟସମାଜର ପ୍ରାଣ ପ୍ରତିଷ୍ଠା ମାତ୍ର ହୋଇଛି, ପ୍ରତିଷ୍ଠାର ପରଂପରା ଫିଟି ନାହିଁ । ଆଦର୍ଶ ଓ ଉପଯୋଗିତା ଦିଗକୁ ସ୍ପଷ୍ଟ ଦୃଷ୍ଟି ପଡ଼ି ନାହିଁ, କିନ୍ତୁ ଆଶାଶୀଳ ମାନବର ପ୍ରାଣ ପ୍ରତିଷ୍ଠାରେ ହି ଅନନ୍ତ ଭବିଷ୍ୟତ୍ ବିଶ୍ୱମୁଖରେ ପ୍ରଭାବ ବିସ୍ତାର କରେ । ସେ ପ୍ରଭାବରେ ଓଡ଼ିଆର ସାହିତ୍ୟ ନିୟମିତ ଓ ବିକଶିତ ହେଉ, ବିଶ୍ୱରାଜ୍ୟରେ ନିଜର ଉପଯୋଗିତା ଦେଖାଇ ଓଡ଼ିଆ ବିଶ୍ୱରେ ନିଜର ସ୍ୱାତନ୍ତ୍ର୍ୟ ସ୍ପଷ୍ଟ ପ୍ରକାଶ କରୁ । ବିଧାତା ବରଦ ହୁଅନ୍ତୁ ।

ବହୁତ କହିଲି, ବୋଧହୁଏ ବ୍ୟାକୁଳର କାହାଣୀ ଠାରୁ ଶିର ଅବରୁଦ୍ଧର ଅଶ୍ରୁ ବିସ୍ଫୋରଣ ଏଥିରେ ଅଧିକ ଅଛି । ବହୁଦିନ ସାହିତ୍ୟ ସଂପର୍କରେ ମୁଁ ନାହିଁ । ଦୂରରୁ ସାହିତ୍ୟକୁ ଦେଖିଛି, ହୁଏତ ମାପି କଳିବାର ସୁବିଧା ପାଇ ନାହିଁ । ଯାହା କହିଲି ସେଥିରେ ଏକଦେଶଦର୍ଶିତାର ଅସଂଯମ ତେଣୁ ଥାଇ ପାରେ । ଅଭ୍ୟନ୍ତର ପିଷ୍ଟପେଷଣ ହେତୁକ ବାତୁଳତା ଥିବା ବି ସଂଭବ । କ୍ଷମା କରିବେ । ମୋତେ ଅନୁଗ୍ରହ କରି, ଏ କଥାଗୁଡ଼ିକରେ ଆବରଣର ନିର୍ବାଚନ ପ୍ରୟୋଗ କରି ମତେ କୃତାର୍ଥ କରିବେ । ଆପଣମାନେ ବିଦ୍ୟାବନ୍ତ । ଆଜି ବେଶୀ କହିବ ନାହିଁ ।

ନୀଳକଂଠ ଦାସ

Printed by C. Misra, B. A., at N. B. Press, Cuttack, 1938

Digitized by srujanika@gmail.com

**Printer—C. Misra B. A.**
THE NABA BHARAT PRESS
CUTTACK
1938

Digitized by srujanika@gmail.com